

ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



**ସଂକ୍ଷେପରେ**

## ଟ୍ରକ୍ ଧକ୍କାରେ ୨ଯୁବକଙ୍କ ମୃତ୍ୟୁ

ରେଢ଼ାଖୋଲ, ୨୧।୪ (ଡି.ଏନ.ଏ.)- ସମ୍ବଲପୁର ଜିଲା ରେଢ଼ାଖୋଲ ସହର ଉପକଣ୍ଠସ୍ଥ ୫୫ ନଂ ଜାତୀୟ ରାଜପଥର ବଡକଟଣି ଖସାଣିରେ ରବିବାର ସନ୍ଧ୍ୟା ସାଢ଼େ ୭ଟାରେ ଏକ ଟ୍ରକ ଧକ୍କାରେ ୨ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ଅନ୍ତର୍ଗତ ମଉଳାଭଣଜା ଗ୍ରାମର ଲିପୁନ ସାହୁ(୨୦) ଓ ସୁବଳ ପ୍ରଧାନ(୨୬)। ରେଢ଼ାଖୋଲ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଇଛି। ପୋଲିସ ସୂତ୍ରରୁ ଜଣାପଡିଛି ଯେ, ଲିପୁନ ଓ ସୁବଳ ବାଇକ ନଂ ଓଡି୧୫ ଏଲ.୦୫୧୩ ଯୋଗେ ରେଢ଼ାଖୋଲ ସହରରୁ ଗାଁକୁ ଫେରୁଥିବା ବେଳେ ପଛପାଖରୁ ଆସୁଥିବା ଟ୍ରକ ନଂ ଆରଜେ ୦୪ଜିବି ୮୧୫୫ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଗାଡିକୁ ନେଇ ପଳାଇ ଯାଇଥିଲେ। ହେଲେ ପୋଲିସ ଟ୍ରକକୁ ପିଛା କରି ଲୁହାପଙ୍କ ନିକଟରେ ଧରିଥିଲା। ରେଢ଼ାଖୋଲ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ପୋଲିସ ଡ୍ରାଇଭରଙ୍କୁ ଅଟକ ରଖିଛି। ସୁବଳ ଜଣେ ଅଟୋ ଚାଳକ ହୋଇଥିବା ବେଳେ ଗତ ୧ ବର୍ଷ ହେବ ବିବାହ କରିଥିଲେ। ଅପରପକ୍ଷରେ ଲିପୁନ ବାପାମା'ଙ୍କ ଏକମାତ୍ର ପୁଅ ବୋଲି ଜଣାପଡିଛି।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ରେମୁଣା, ୨୧।୪(ଡି.ଏନ.ଏ.)
ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ସେରଗଡ଼ ଫାଣ୍ଡି ସମ୍ମୁଖରେ ରବିବାର ପୂର୍ବାହ୍ନ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ଚରମ୍ପା ନିକଟ ପଥରଆଡ଼ି ଗ୍ରାମର ମୁକ୍ତିକାନ୍ତ ସାମନ୍ତଙ୍କ ପୁଅ ସୌମ୍ୟରଞ୍ଜନ (୩୦)। ଶେରଗଡ଼ ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବାଲେଶ୍ୱର ସଦର ହସ୍‌ପିଟାଲକୁ ପଠାଇଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ସୌମ୍ୟରଞ୍ଜନ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ସାମନ୍ତ ନିଜ ବୁଲେଟ୍ (ନଂ.ଓଡ଼ି୨୨ଜେ-୯୨୨୨)ରେ ବାହାରିଥିଲେ। ଜାତୀୟ ରାଜପଥ ସେରଗଡ଼ ଟୋଲ୍‌ଗେଟ୍ ପୂର୍ବରୁ ଫାଣ୍ଡି ସମ୍ମୁଖରେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଟ୍ରେଲର୍ (ନଂ.ଏନ୍‌ଏଲ୍‌୦୧କ୍ୟୁ-୯୦୦୭) ତାଙ୍କୁ ପଛପଟରୁ ଧକ୍କା ଦେବାରୁ ସୌମ୍ୟରଞ୍ଜନ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

■ ଭଂଗା କୁରିଆରେ ବିତୁଛେ ବୁଢ଼ାବୁଢ଼ୀକର ଜୀବନ

# ପକାଘର ଖଁଡ଼େ ଆଶ୍‌ରେ ଭାଗୀରଥି ଆର ନୁର

କାମଟିକ୍ରା, ୨୧।୪ (ଡି.ଏନ.ଏ)

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ଲାଗି ଯୋଜନା ଉପରେ ଯୋଜନା ତିଆର କରୁଛନ୍। ଭିନେ ଭିନେ ଯୋଜନାରେ ସରକାର ଫିବଛର କୋଟି କୋଟି ଟଁକା ସାରୁଛନ୍। ହେଲେ ବହୁତ୍ ଜାଗାରେ ସରକାରୀ ଅଧିକାରୀ, କରମଚାରୀକର ଉଦାସୀନତା ଲାଗି ପରକୁତ ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ଅତାବିରା ବ୍ଲକ ବୁଗବୁଗା ପଁଚେତ୍‌ର ଖଲିଆପାଲି କୁଡ଼ାପଡ଼ାରେ।

ସୂଚନା ଅନ୍‌ସାରେ କୁଡ଼ାପଡ଼ାର ଭାଗୀରଥି ରଣା(୮୦) ଆର ତାକର ମାଏକିନା ନୁର ରଣା(୭୨)। ଦୁଇ ବୁଢ଼ାବୁଢ଼ି ଜୀବନ୍‌ର ଶେଷ୍ ମୁଡ଼ସାକେ ପୁହୁଁଚିଥିଲା ବେଲେ ଅଭାବ୍ ଅନାଟନ ଲାଗି ଗୁଟେ ଭଂଗା ଦଦ୍‌ରା ମାଏଟ୍ କୁରିଆରେ ଜୀବନ୍ ବିତଉଛନ୍। ସେମାନର ୪ଟା ପୁଓ ଅଛନ୍, ହେଲେ ଅଧାରର ମା'ବାପ୍‌କେ କେହି ନାଇଁ ଗୁଚିରବାର। ଯେନ୍‌ଥିରଲାଗି ବୁଢ଼ାବୁଢ଼ି ନିଜର ଭାଏଗ୍‌କେ ଆଦ୍‌ରି ଭଂଗା



ନିଜର ଭଂଗା କୁରିଆରେ ଭାଗୀରଥି ଆର ନୁର।

କୁରିଆରେ ଜୀବନ୍ ବିତଉଛନ୍। ସରକାରଙ୍କର ତରଫୁ ମିଳୁଥିବାର ୧୦ କେ.ଜି. ଚାଉଲ ଆର ବୁଢ଼ାବୁଢ଼ି ଭତା ତାକର ସାହାଭରସା। ଏହେଦେ ଭାଗୀରଥି ଖଟେ ପଡ଼ିଥିଲାବେଲେ ନୁର ଆପନେର ସେବାଯତନ କରବାର ସଂଗେ ନିଜେ ବଁଚ୍‌ବାର ରାହା ଖୁଜୁଛନ୍। ହେଲେ ଦୁଇ ବୁଢ଼ାବୁଢ଼ି ସବୁପରକାର ସରକାରୀ ଯୋଜନାର ଲାଗି ହକ୍‌ଦାର ଥିଲେ ବି ଆଏଜତକ୍ ପକାଘର ଖଁଡ଼େ ପାଏବାରୁ ବଁଚିତ ହେଇ ରହିଛନ୍। ବୁଢ଼ାବୁଢ଼ି ରହୁଥିବାର ଘରର ଅବସ୍‌ତା ଏନ୍‌ତା ଯେ, ଖରା, ବର୍ଷା, ଶୀତ, କାକରରେ ଘରେ ଥିଲେ ଯେନ୍‌ତା ନାଇଁଥିଲେ ସେତା। ଇଆଡ଼େ ସରକାର ଏସିସିସି ତାଲିକାରେ ନାଁ ଥିବାର ଲୁକ୍‌କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକା ଘର ଯୁଗେଇ ଦେଉଛନ୍। ହେଲେ ତାଲିକାଟା ଏନ୍‌ତା ତିଆର ହେଇଛେ ଯେ, ବହୁତ୍ ଜାଗାରେ ଗୁଟେ ଘରର ୩ ଝନ୍‌କର ନାଁ ଥିଲାବେଲେ ନିହାତି ଗରିବ୍ ଆର ହକ୍‌ଦାର ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଛନ୍। ବୁଗବୁଗା ସରପଁଚ୍ ଆମର ଉପରେ କୁରପା କରି ସରକାରୀ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେଲେ ଆମେ ଧଏନ୍ ହେତୁଁ ବଲି ଦୁଇ ବୁଢ଼ାବୁଢ଼ି ଗଣମାଧମ ଆଘେ କହିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍ ପୁଷ୍ପକାନ୍ତି ସେଠଙ୍କୁ ପଚରାଲାରୁ ସେମାନଙ୍କୁ ପକାଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

# ବୁଥ୍‌କୁ ଗଲେ ପୋଲିଂ ଟିମ୍

ରେଢ଼ାଖୋଲ,୨୧।୪ (ଡି.ଏନ.ଏ.)

ଆସନ୍ତା ୨୩ ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପରିପେକ୍ଷୀରେ ରବିବାର ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ପ୍ରଚାରର ଶେଷ ଦିନରେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ସହିତ ସ୍ୱାଧୀନ, ଆମ ଆଦମି ପାର୍ଟି ପକ୍ଷରୁ ରେଢ଼ାଖୋଲ ସହରରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରାଯାଇଥିଲା। ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀଙ୍କ ପାଇଁ ଚଳଚ୍ଚିତ୍ର ଅଭିନେତା ପୁପିନ୍ଦର ପ୍ରଚାର କରିଛନ୍ତି। ସେହିପରି ଭାଜପା ପକ୍ଷରୁ ମଧ୍ୟ ସହରରେ ଏକ ମୋଟର ସାଇକେଲ ରାଲି କରାଯାଇଥିଲା। ଅପରପକ୍ଷରେ ୨୩ ତାରିଖ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଥିବା ୨୪୭ଟି ବୁଥ୍‌କୁ ପୋଲିଂ ଟିମ୍ ପଠାଯାଇଛି। ପ୍ରତି ବୁଥ୍ ପାଇଁ ଜଣେ ପ୍ରିଜାଇଡିଂ ଅଫିସରଙ୍କ ସହ ୪ ଜଣ ପୋଲିଂ ଅଫିସର ଓ ଜଣେ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଏଥି ସହିତ ୨୫ଟି ଟିମ୍‌କୁ ରିର୍ଜଭ ରଖା ଯାଇଛି। ଆବଶ୍ୟକ ସ୍ଥଳେ ଏହି ରିର୍ଜଭ ଟିମ୍ ସହଯୋଗ କରିବେ। ନିର୍ବାଚନ ପାଇଁ ୫ ଜଣ ମାଜିଷ୍ଟ୍ରେଟଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ୩୨ ଜଣ ସେକ୍ଟର ଅଫିସର, ୨୦୦ ଆର୍ମ ଫୋର୍ସ, ୩୨ ଜଣ ଏଏସଆଇଙ୍କୁ ନିଯୁକ୍ତ କରାଯାଇଛି। ସମୁଦାୟ ୨୪୭ ବୁଥ୍‌ରୁ ୩୪ଟି ବୁଥ୍ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ରେଢ଼ାଖୋଲ ସହରର ଗୌରଚନ୍ଦ୍ର ହାଇସ୍କୁଲ (ବୁଥ୍ ନଂ ୧୭୪)କୁ ପିଙ୍କ ବୁଥ କରାଯାଇଛି। ଏହି ବୁଥ୍‌ରେ କେବଳ ମହିଳା ପ୍ରିଜାଇଡିଂ ଓ ପୁଲିଂ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ରବିବାର ସମ୍ବଲପୁର ଜିଲାପାଳ ଶୁଭମ ସକ୍ସେନା, ସୁପରଭାଇଝର ତଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ବିଶିକେସନ ଦେହୁରୀ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧ ଲକ୍ଷ ୯୮ ହଜାର ୮୯୭ ଜଣ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରୁ ୯୮ ହଜାର ୫୧୯ ମହିଳା ଭୋଟର ଓ ୧ଲକ୍ଷ ୩୫୪ ପୁରୁଷ ଭୋଟର ରହିଛନ୍ତି। ୨୪ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ୨୦୧୪ ନିର୍ବାଚନରେ ସମୁଦାୟ ୧ ଲକ୍ଷ ୭୪ ହଜାର ୫୨୬ ଭୋଟର ଥିବା ବେଳେ ଚଳିତ ନିର୍ବାଚନରେ ୨୪ ହଜାର ୩୭୧ ଜଣ ଅଧିକ ଭୋଟର ଅନ୍ତର୍ଭୁକ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭୨୪୫ ଜଣ ନୂତନ ଭୋଟର ଅନ୍ତର୍ଭୁକ୍ତ ହୋଇଛନ୍ତି।

■ ୧୨୨ତମ ଏକାମ୍ର ପଦଯାତ୍ରା

# ଏକାମ୍ର କ୍ଷେତ୍ର ବିଷୟରେ ଜାଣିଲେ ଚାଇନା, ନରୱେ ପର୍ଯ୍ୟଟକ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ପୁରୁଣା ଭୁବନେଶ୍ୱରରେ ରବିବାର ୧୨୨ତମ ଏକାମ୍ର ପଦଯାତ୍ରା ଆୟୋଜିତ ହୋଇଯାଇଛି। ଏଥିରେ ଚାଇନା ଏବଂ ନରୱେର କେତେଜଣ ପର୍ଯ୍ୟଟକ, ଗବେଷକ, ସ୍ଥପତି ଯୋଗଦେଇ ଏଠାକାର ଐତିହ୍ୟ, ପରମ୍ପରା ଓ ସଂସ୍କୃତି ବିଷୟରେ ଅବଗତ ହୋଇଥିଲେ। ଏହି ଅବସରରେ ସତ୍ୟସ୍ୱରୂପ ମିଶ୍ର ସେମାନଙ୍କୁ ଏକାମ୍ର କ୍ଷେତ୍ରରେ ଏଏସ୍‌ଆଇ ଦ୍ୱାରା ସଂରକ୍ଷିତ ଐତିହ୍ୟ କୀର୍ତ୍ତିରାଜିଗୁଡ଼ିକ ସମ୍ପର୍କରେ କହିଥିଲେ। ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ କିପରି ଏହି ମନ୍ଦିରଗୁଡ଼ିକ ଗଢ଼ିଉଠିଥିଲା, ତାହା ସେମାନଙ୍କୁ ଜଣାଇଥିଲେ। ଏଥିସହିତ ବହୁ ପୁରାତନ ମନ୍ଦିରର ଗାଥା, ସ୍ୱାତନ୍ତ୍ରତା, ଏକାମ୍ର କ୍ଷେତ୍ରର ମାହାତ୍ମ୍ୟ ବିଷୟରେ ପର୍ଯ୍ୟଟକମାନେ ଅବଗତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥପତି ଆଦିତ୍ୟ ଅଗ୍ରୱାଲ, ନରୱେରୁ ଆସିଥିବା ପର୍ଯ୍ୟଟକ ଏଲାଇସ୍ ଓ ଚାଇନାରୁ ଆସିଥିବା ଗବେଷକ ଫେଙ୍ଗ୍‌ୱେନ ଲିନ୍ କହିଥିଲେ, ଏକାମ୍ର କ୍ଷେତ୍ର ବିଷୟରେ ଜାଣି ବହୁତ ଖୁସି ଲାଗିଲା। କୀର୍ତ୍ତିରାଜିଗୁଡ଼ିକର ନିର୍ମାଣଶୈଳୀ, ଢାଞ୍ଚା ଓ ସ୍ଥାପତ୍ୟଗୁଡ଼ିକ ବେଶ୍ ଆକର୍ଷଣୀୟ। ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ଆଜି ବି ଏଥିରେ ସାଇତି ରଖାଯାଇଛି। ଏହାର କାହାଣୀ ଶୁଣିବାକୁ ଓ ଦେଖିବାକୁ ଆଗ୍ରହ ପ୍ରକାଶ ପାଉଛି। ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କ ଓଡ଼ିଶୀ ନୃତ୍ୟ କଳା ବି ବହୁତ ଭଲ ଲାଗିଲା। ଓଡ଼ିଶୀ ଡ୍ୟାନ୍ସ ଏକାଡ଼େମୀରେ ନୃତ୍ୟ ଦେଖିବାର ସୁଯୋଗ ପାଇଲୁ, ଯାହାକି ବହୁତ ମନୋରମ ଥିଲା ବୋଲି ସେମାନେ କହିଥିଲେ। ସେପଟେ ୨୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ '୭୦ତମ ହେରିଟେଜ୍ ଟ୍ରେଲ୍'ର ମଜାନେଇଛନ୍ତି। ପ୍ରଥମଥର ଲାଗି ଟ୍ରେଲ୍‌ରେ ସଙ୍ଗୀତ ଓ ନୃତ୍ୟର ଯୁଗଳବନ୍ଦୀ ଦେଖିବାକୁ ମିଳିଥିଲା। ତବଲା ବାଦକ ସୁଶାନ୍ତ ଓ ନୃତ୍ୟଶିଳ୍ପୀ ଶଶିକାନ୍ତଙ୍କ 'ଭାବନୀ ଦୟାନୀ' ଆକ୍ଟକୁ ପର୍ଯ୍ୟଟକ ମନଭରି ଉପଭୋଗ କରିଥିଲେ। ଏହାବ୍ୟତୀତ ଖଣ୍ଡଗିରି, ଉଦୟଗିରି ଗୁମ୍ଫାର ଇତିହାସ ଏବଂ କଳିଙ୍ଗ ସାମ୍ରାଜ୍ୟର ଗାଥା ବିଷୟରେ ମଧ୍ୟ ସେମାନେ ଜାଣିବାକୁ ପାଇଥିଲେ।

■ ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଭୂଦାନ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସଦାଶିବ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ଜଣେ ନିରଳସ ଅମାୟିକ ଜନସେବୀ, ଛାତ୍ରବତ୍ସଳ ଶିକ୍ଷକ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ସଦାଶିବ ତ୍ରିପାଠୀ ପ୍ରସିଦ୍ଧି ଅର୍ଜନ କରିଥିଲେ। ମୁଖ୍ୟମନ୍ତ୍ରୀ ହିସାବରେ ତାଙ୍କର ସ୍ୱଚ୍ଛ ବିଚାରଧାରା ଓ କାର୍ଯ୍ୟକ୍ରମ ଅନୁରୂପ ଭାବେ ତାଙ୍କୁ ସ୍ମରଣୀୟ କରି ରଖିଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବକ୍ତାମାନେ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରି ଏହା କହିଥିଲେ। ରବିବାର ସୂଚନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକି ଓ ବରଦା ପ୍ରସନ୍ନ ଦାସ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସନ୍ତୋଷ କୁମାର ଦାସ, ଶବରୀ ସାଂସ୍କୃତିକ ସଂସଦ ସମ୍ପାଦକ ସୁବାସ ଚନ୍ଦ୍ର ହୋତା ଓ କୋଷାଧ୍ୟକ୍ଷ ଯଶୋବନ୍ତ କୁମାର ଜୈନଙ୍କ ସହ ଅନ୍ୟାନ୍ୟ ପଦାଧିକାରୀବୃନ୍ଦ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଅବିଭକ୍ତ କୋରାପୁଟ ଜିଲାରେ ଜନ୍ମିତ ସ୍ୱର୍ଗତ ସଦାଶିବ ତ୍ରିପାଠୀ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି କାରାବରଣ କରିଥିଲେ। ମୁଖ୍ୟମନ୍ତ୍ରିତ୍ୱ କାଳରେ ଜମିଦାରୀ ଓ ଗୋତିପ୍ରଥା ବିଲୋପ ଏବଂ ରାଜସ୍ୱ ସଂସ୍କାର ନିମନ୍ତେ ତାଙ୍କ ଅବଦାନ ଅବିସ୍ମରଣୀୟ। ଗ୍ରାମୀଣ ତଥା ଜନଜାତିଙ୍କ ମଧ୍ୟରେ ରାଜନୈତିକ ଚେତନାକୁ ସଶକ୍ତ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭୂଦାନ ଓ ସର୍ବୋଦୟ ଆନ୍ଦୋଳନରେ ତାଙ୍କର ସକ୍ରିୟ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଥିଲା। ଜଣେ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିସମ୍ପନ୍ନ ରାଜନେତା ଭାବରେ ସେ ଚିରସ୍ମରଣୀୟ ରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ହସ୍‌ପିଟାଲ୍ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଉପନିର୍ଦ୍ଦେଶକ ବାରିକି, ସହକାରୀ ନିର୍ଦ୍ଦେଶକ ଦାସ, ସହକାରୀ ସୂଚନା ଅଧିକାରୀ ସୁଜିତ କୁମାର ସ୍ୱାଇଁ ଓ ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତା ମାଲ୍ୟାର୍ପଣ କରିଥିଲେ।

# ନାସାର ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

ବାଲେଶ୍ୱର ଅଫିସ,୨୧।୪

**ମହାକାଶ ସମ୍ବନ୍ଧୀୟ ଆନ୍ତର୍ଜାତିକ ପ୍ରବନ୍ଧ ପ୍ରତିଯୋଗିତାରେ ଅନୁଷ୍କା ବିଜୟୀ**

ବାଲେଶ୍ୱର ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲର ୧୩ଜଣ ଛାତ୍ରୀଛାତ୍ର ଆମେରିକା କେନେଡ଼ି ସ୍ପେଶ୍ ସେଣ୍ଟର ନାସାରେ ଆୟୋଜିତ ଅନ୍ତର୍ଜାତିକ ଅନ୍ତରୀକ୍ଷ ବିଜ୍ଞାନ ସମ୍ମିଳନୀରେ ଗତ ଏପ୍ରିଲ ୧୩, ୧୪ ଓ ୧୫ତାରିଖରେ ଯୋଗଦେଇଥିଲେ। ମହାକାଶ ସମ୍ବନ୍ଧୀୟ ଅନ୍ତର୍ଜାତିକ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ ନବମ ଶ୍ରେଣୀର ଛାତ୍ରୀ ଅନୁଷ୍କା ରାୟ ବିଜୟୀ ହୋଇଛନ୍ତି। ଏହି ସଫଳତା କେବଳ ଜିଲା ପାଇଁ ନୁହେଁ ରାଜ୍ୟ ତଥା ଦେଶ ପାଇଁ ଗୌରବ ବୋଲି ରବିବାର ଅପରାହ୍ନ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଅଧକ୍ଷା ଡ. ସିଷ୍ଟର କ୍ରିପା କହିଛନ୍ତି। ଛାତ୍ରୀଛାତ୍ରମାନେ ନାସା ପରିଦର୍ଶନ କରି ମହାକାଶଚାରୀ ଡ. ୱିନ୍‌ସ୍ଟନ୍ ସ୍କଟ, ଫ୍ଲୋରିଡ଼ା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ନିର୍ଦ୍ଦେଶକ ଡ. ନାଥାଲିୟନ୍ ମିଲର ଓ ଅନ୍ୟାନ୍ୟ ବୈଜ୍ଞାନିକଙ୍କ ସହିତ ସାକ୍ଷାତ୍ କରି ବିଭିନ୍ନ ବିଷୟରେ ଜ୍ଞାନ ଅର୍ଜନ କରିଥିବା ପ୍ରକାଶ କରିଛନ୍ତି। ନବମ ଶ୍ରେଣୀର ଛାତ୍ରୀ ଅନୁଷ୍କା ରାୟ ମହାକାଶ ସମ୍ବନ୍ଧୀୟ ଅନ୍ତର୍ଜାତିକ ପ୍ରବନ୍ଧ ପ୍ରତିଯୋଗିତାରେ ବିଜେତା ଘୋଷିତ ହୋଇ ୧୦ହଜାର ଡଲାର ବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ସୁସ୍ଥ ପରିବେଶ, ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ଉତ୍ତମ ଶିକ୍ଷାଦାନ ଏବଂ ଅନୁଶାସନ ଛାତ୍ରୀଛାତ୍ରମାନଙ୍କୁ ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇଥାଏ ବୋଲି ଅଭିଭାବକମାନେ ମତ ରଖିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷୟିତ୍ରୀ ମମତା ଦାସ ଉପସ୍ଥିତ ଥିଲେ। ଏକାଦଶ ଶ୍ରେଣୀ ଛାତ୍ର କ୍ରୀଷ୍ଣା ବେହେରା, ଆୟୁଷ ଖଣ୍ଡେଲୱାଲ, ଦଶମ ଶ୍ରେଣୀ ଛାତ୍ରୀ ଦୀକ୍ଷା ଗୁପ୍ତା, ଆଦିତି ବିଶ୍ୱାଳ, ଛାତ୍ର ରାଘବ ଖଣ୍ଡେଲୱାଲ, ହାର୍ଦ୍ଦିକ ମହାପାତ୍ର, ସୌମ୍ୟଦର୍ଶନ କମିଳା, ନବମ ଶ୍ରେଣୀ ଛାତ୍ରୀ ଶିବାଙ୍ଗୀ ଶାହା, ଛାତ୍ର ରୁଦ୍ର ଗୁପ୍ତା, ଛାତ୍ର କ୍ରୀଶୟ ଅଗ୍ରୱାଲ, ନିଲାଞ୍ଜନ ଜେନା, ଅଷ୍ଟମ ଶ୍ରେଣୀ ଛାତ୍ରୀ ବନଜା ବନଶ୍ରୀ ଉପସ୍ଥିତ ରହି ନିଜ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ନାସାରୁ ଫେରିଥିବା ଛାତ୍ରୀଛାତ୍ର।



ବୁଢାରଜା ଓ କ୍ଷେତ୍ରପାଳ ଛତ୍ର ଭାବେ ପୂଜା ପାଉଛନ୍ତି।



ବନ ବିହାର ଯାତ୍ରା ଦେଖିବା ପାଇଁ ଭକ୍ତମାନଙ୍କ ଭିଡ ଲାଗିଛି।

■ ବୁଢାରଜାଙ୍କ ବନବିହାର ଯାତ୍ରା ସମ୍ପନ୍ନ

# ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ କଲେ ଦେବୀଦେବ

ଭେଡ଼େନ,୨୧।୪(ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନ କେନ୍ଦ୍ର ପପଙ୍ଗା ପାହାଡ଼ରେ ଧର୍ମ ପରମ୍ପରା ତଥା ସଂସ୍କୃତିର ପ୍ରତୀକ ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ବୁଢାରଜା ଏବଂ ଦେବୀ କ୍ଷେତ୍ରପାଳଙ୍କ ବାର୍ଷିକ ବନବିହାର ଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ପରମ୍ପରାକ୍ରମେ ଚୈତ୍ର ଦଶମୀରୁ ପ୍ରଭୁ ବୁଢାରଜା ଛତ୍ର ଭାବେ ଉଭା ହୋଇ କଦଳୀପାଲି, ରିଝେଇପାଲି, ଗଣ୍ଡିଆପାଲି, ଘିଚାପାଲି ଓ ବାଞ୍ଜିପାଲି ଆଦି ଗ୍ରାମ ପରିକ୍ରମା କରି ପୂର୍ଣ୍ଣମୀ ଦିନ ମନ୍ଦିର ପ୍ରବେଶ କରିଥିଲେ । ସେହିପରି ଦେବୀ କ୍ଷେତ୍ରପାଳ ମଧ ଦଶମୀରେ ରୁଷୁଡ଼ାରୁ ଛତ୍ର ଭାବେ ଆବିର୍ଭାବ ହୋଇ କେନ୍ଦପାଲି, ବଘିଆପାଲି, ଘିଚାପାଲି ଆଦି ବାରଗ୍ରାମ ପରିକ୍ରମା କରି ରବିବାର ମଧ୍ୟାହ୍ନରେ ପପଙ୍ଗାରେ ପହଞ୍ଚିଥିଲେ । ସେଠାରେ ବୁଢାରଜାଙ୍କ ପୂଜକ ଭବାନୀ ଦେହେରୀ ପାଣିଢାଳ ପ୍ରଦାନ କରି ଦେବୀଙ୍କୁ ବାଟବରଣି କରି ମନ୍ଦିରକୁ ପାଛୋଟି ନେଇଥିଲେ। ଏହାପରେ ସେଠାରେ ଉଭୟଙ୍କ ସ୍ୱତନ୍ତ୍ର ପୂଜା ତଥା ଗଣ୍ଡଳାଯୋଡ଼ ହୋଇ ପପଙ୍ଗା ପାହାଡ଼ ଉପରେ ଥିବା ବୁଢ଼ାରଜାଙ୍କ ଆସ୍ଥାନ ପର୍ଯ୍ୟନ୍ତ ବନବିହାର ପାଇଁ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଓହ୍ଲାଇ ପଧାନପାଲିରେ ବିଦାୟକାଳୀନ ପୂଜା ପରେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଏହି ଯାତ୍ରା ଦେଖିବାକୁ ପପଙ୍ଗା ବୁଢ଼ାରଜା ମନ୍ଦିର ତଥା ପାହାଡ଼ରେ ସମାଗମ ହୋଇଥିଲେ। ପାହାଡ଼ ପାଦଦେଶରେ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଥିଲା। ଏଥିରେ ଲକ୍ଷ୍ମୀନାରାୟଣ ହୋତା, ସାନନ୍ଦ କରନ, କହ୍ନେୟା କୈବର୍ତ୍ତ ପ୍ରମୁଖ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ସାଗର ମହାକୁର, ବ୍ରହ୍ମାନନ୍ଦ ମହାକୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁ, ସମିତି ସଭ୍ୟ ମନୋଜ ପଧାନ ତଥା ଅଞ୍ଚଳର ଯୁବ ଗୋଷ୍ଠୀଙ୍କ ତତ୍ତ୍ୱାବଧାନରେ ଏହିଯାତ୍ରା ସମ୍ପନ୍ନ ହୋଇଛି ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବଲାଙ୍ଗୀର ସହରରେ ବିଜୁଳି ବିଭ୍ରାଟ, ଲୋକେ ଅତିଷ୍ଠ

**ବଲାଙ୍ଗୀର ଅଫିସ, ୨୧।୪:** ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେଉଥିବା ବଲାଙ୍ଗୀର ଜିଲାରେ ଏବେ ବିଜୁଳି ବିଭ୍ରାଟ ଅନ୍ୟତମ ଚିନ୍ତାର କାରଣ ପାଲଟିଛି । ପ୍ରଚଣ୍ଡ ଗରମରେ ଲୋକେ ଆଉଟୁପାଉଟୁ ହେଉଥିବାବେଳେ ଅଘୋଷିତ ବିଜୁଳି ବିଭ୍ରାଟକୁ ନେଇ ଲୋକେ ଚିନ୍ତାରେ ପଡିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ମଧ ବିଭିନ୍ନ ବାହାନା ଦେଖାଇ ବିଦ୍ୟୁତ୍ ବିଭାଗ ଚୁପ୍ ହୋଇ ବସିପଡିଛି । ଗତ କିଛିଦିନ ହେଲା ସକାଳୁ ବିଦ୍ୟୁତ୍ କାଟ୍ କରାଯାଉଛି । ସନ୍ଧ୍ୟାରେ କିଛିଦିନ ହେଲା କାଳବୈଶାଖୀ ଝଡତୋଫାନ୍ ଦେଖାଯାଉଥିବାବେଳେ ସଙ୍ଗେ ସଙ୍ଗେ ବିଜୁଳି କାଟ୍ କରାଯାଉଛି। ଅନେକ ପଡାରେ ଦିନରାତିରେ ଦୀର୍ଘ ସମୟ ଧରି ଆଉ ବିଜୁଳି ଆସୁନାହିଁ । ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିଛିଦିନ ହେଲା ବଲାଙ୍ଗୀର ଜିଲାର ବିଭିନ୍ନ ଗ୍ରାମ ଓ ସହରରେ ୪୦ ଡିଗ୍ରୀରୁ ଅଧିକ ତାପମାତ୍ରା ରହୁଛି । ଏଭଳି ଗରମରେ ଗାଁ ଓ ସହରର ଲୋକେ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି । ଏନେଇ ବିଦ୍ୟୁତ୍ ବିଭାଗର ଫ୍ୟୁଜ୍ କଲ ସେଣ୍ଟର ଟେଲିଫୋନ୍ ମଧ କେହି ଉଠାଉନାହାନ୍ତି । ଏଭଳି ପରିସ୍ଥିତିରେ ସହରରେ ଜନଅସନ୍ତୋଷ ତୀବ୍ରତର ହେବାରେ ଲାଗିଛି । ଆଗକୁ ପରିସ୍ଥିତି ନ ସୁଧୁରିଲେ ଜନଅସନ୍ତୋଷ ଆନ୍ଦୋଳନର ରୂପ ନେବ ବୋଲି ଆଲୋଚନା ହେଉଛି ।

# ସୁବର୍ଣ୍ଣପୁରରେ ପରିବାର ଅଦାଲତ ଖୋଲିଲା

**ସୋନପୁର,୨୧।୪(ନି.ପ୍ର.)**

ଜନସାଧାରଣଙ୍କ ଦୀର୍ଘଦିନର ଦାବି ପରେ ସୁବର୍ଣ୍ଣପୁରରେ ପରିବାର ଅଦାଲତ ଖୋଲିଛି। ଏହି ଅଦାଲତ ଦ୍ୱାରା ପାରିବାରିକ ବିବାଦର ଆପୋଷ ସମାଧାନ ହୋଇପାରିବ। ରବିବାର ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ଚିତ୍ତରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅଦାଲତକୁ ଉଦ୍‌ଘାଟନ କରିଥିଲେ। ଉଚ୍ଚ ନ୍ୟାୟାଳୟର ଅନ୍ୟତମ ବିଚାରପତି ପ୍ରମଥ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲା ଦୌରାଜଜ୍ ରାଜ କୁମାର ସାହୁ, ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ସିଜେଏମ୍ ମାନସ ରଞ୍ଜନ ରଥ, ରେଜିଷ୍ଟ୍ରାର ସୀମା ତ୍ରିପାଠୀ, ସବ୍‌ଜଜ ସନ୍ଦୀପ ପଟ୍ଟନାୟକ, ପରିବାର ଅଦାଲତର ଜଜ୍ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଏସ୍‌ଡିଜେଏମ ସୁକାନ୍ତ ଜେନା, ସଭ୍ୟ ତନ୍ମୟ ମହାନ୍ତି, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା ଓ ଆଇନଜୀବୀ ବୃନ୍ଦ ଉପସ୍ଥିତ ଥିଲେ। ପରେ ବାର୍ ସଂଘର ସଭାଗୃହରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ଏକ ସୌଜନ୍ୟମୂଳକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ବାର୍ କିଭଳି ଅଧିକ କ୍ରିୟାଶୀଳ ଓ ଠିକଣା ଭାବେ କାର୍ଯ୍ୟ କରିବ, ଜନସାଧାରଣଙ୍କୁ କିପରି ସୁବିଧାରେ ଆଇନର ସେବା ମିଳିପାରିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଆଇନଜୀବୀ ମଧୁସୂଦନ ପଧାନ, ଗୋପାଳକୃଷ୍ଣ ମିଶ୍ର, ପ୍ରକାଶ ମିଶ୍ର, ପ୍ରକାଶ ରଥ, ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଇନ୍ଦ୍ରମଣି ଦାଶ, ବ୍ୟୋମକେଶ ଦାଶ, ଗୌରିଶ୍ୟାମ ପଣ୍ଡା, ହିମାଂଶୁ ଭୂଷଣ ନାୟକ, ଶ୍ୟାମା ଓଁପ୍ରସାଦ ମିଶ୍ର, ବାବୁଲା ଦାଶ, ଗଦାଧର ନେଗୀ, ସନ୍ତୋଷ ମେହେର, ଆଦିକନ୍ଦ ପାଣିଗ୍ରାହୀ ଓ ଭଗବତୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଚିତ୍ତରଞ୍ଜନ ଦାଶ ଓ ପ୍ରମଥ ପଟ୍ଟନାୟକ ରାମପୁରରେ ନବ ନିର୍ମିତ ଦେୱାନୀ ବିଚାରପତି (କନିଷ୍ଠ ବିଭାଗ) ତଥା ପ୍ରଥମ ଶ୍ରେଣୀ ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ କୋଠାକୁ ଉଦ୍‌ଘାଟନ କରିଥିଲେ।



ପରିବାର ଅଦାଲତକୁ ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି ।

### କୁଲିପାଲିରେ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ, ଉତ୍ତେଜନା

# ୨ ମାମଲା ରୁଜୁ, ପୋଲିସ ମୁତୟନ

**ସୋନପୁର,୨୧।୪(ନି.ପ୍ର.)**

ସୋନପୁର ଥାନା ଅନ୍ତର୍ଗତ କୁଲିପାଲି ଗ୍ରାମରେ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ଦେଖା ଦେଇଛି। ଏହି ଘଟଣାକୁ ନେଇ ଗ୍ରାମର ଉଭୟ ପକ୍ଷ ଥାନାରେ ଅଭିଯୋଗେ କରିବା ପରେ ପୋଲିସ ଶନିବାର ରାତିରେ ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ କରିଛି । ସୂର୍ଯ୍ୟକାନ୍ତ କର୍ଣ୍ଣଙ୍କ ଅଭିଯୋଗ ଆଧାରରେ ମୋହିନୀ ଦୀପ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିଭଳି ମୋହିନୀଙ୍କ ଅଭିଯୋଗ କ୍ରମେ ଭକ୍ତ କର୍ମୀ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି । ତେବେ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ । ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ ଅଛନ୍ତି । ଏହି ଗ୍ରାମରେ ଗତ ୧୩ ତାରିଖରୁ ରାମଲୀଳା ଚାଲିଛି । ସବର୍ଣ୍ଣ ଗୋଷ୍ଠୀ ଏହି ରାମଲୀଳା କରୁଛନ୍ତି। ଏଥିପାଇଁ ଗ୍ରାମରେ ଆମିଷ ନିଷେଧ ରହିଛି। ତେବେ ଗତ ୧୭ ତାରିଖ ଗ୍ରାମର ଜଣେ ଅସବର୍ଣ୍ଣ ପରିବାରର ନିର୍ବନ୍ଧ କାର୍ଯ୍ୟ ଥିଲା। ଏଥିପାଇଁ ସେ ଏକ ଛେଳି ମାରି ତାହାର ପୁଟା ସ୍ଥାନୀୟ ବନ୍ଧରେ ଧୋଇ ରାମଲୀଳା ପେଣ୍ଡାଲ ସମ୍ମୁଖ ଦେଇ ଚାଲି ଯାଇଥିଲେ। କିଛି ସବର୍ଣ୍ଣ ବ୍ୟକ୍ତି ଏଭଳି କାର୍ଯ୍ୟକୁ ବାରଣ କରିଥିଲେ । ଘଟଣାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା । ଉଭୟ ପକ୍ଷ ପରସ୍ପରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧସ୍ତାଧସ୍ତି ହୋଇଥିଲେ। ତେବେ ୧୮ ତାରିଖ ନିର୍ବାଚନ ଥିବାରୁ ଆପୋସ ସମାଧାନ କରାଯିବାକୁ ଚେଷ୍ଟା କରା ଯାଇଥିଲା । କିନ୍ତୁ ସମାଧାନ ନ ହେବାରୁ ଉଭୟ ପକ୍ଷ ଶନିବାର ପୁଣି ଥାନାର ଦ୍ୱାରସ୍ଥ ହୋଇଥିଲେ । ଡିଏସ୍‌ପି (କ୍ରାଇମ) ଆନ୍ଥୋନୀ ତିର୍କୀ ଓ ଏଏସ୍‌ଆଇ ସଞ୍ଜୀବ କୁମାର ବସ୍ତିଆ ମାମଲାର ତଦନ୍ତ କରୁଛନ୍ତି ।

## କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତିର ସମୀକ୍ଷା ବୈଠକ

**କଣ୍ଟାବାଞ୍ଜି,୨୧।୪(ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତିର ଏକ ନିର୍ବାଚନୀ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ପଡୋଶୀ ବେଲପଡା, ଖପ୍ରାଖୋଲ ବ୍ଲକ ସହିତ କଣ୍ଟାବାଞ୍ଜି ଏନଏସିକୁ ନେଇ ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ଦିଆଗଲେ ହିଁ ଅଞ୍ଚଳର ବିକାଶ ହେବା ସହିତ ଦାଦନ ସମସ୍ୟା ରୋକାଯାଇ ପାରିବ ବୋଲି ଏଥିରେ ଆଲୋଚନା ହୋଇଛି। ଏହି ବୈଠକରେ ସମିତିର ସଭାପତି ଶେଷଦେବ ପୁଟେଲ ସଭାପତିତ୍ୱ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ସଂଘର୍ଷ ସମିତିର ସଭ୍ୟମାନେ ଉପସ୍ଥିତ ରହି ନିଜ ନିଜର ମତ ରଖିଛନ୍ତି। ସଭା ଶେଷରେ ସମିତିର କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ ଧନ୍ୟବାଦ ଦେଇଥିଲେ।

### ଧୁମାଭଟା ଗାଁର ରାମଲୀଳା ମହୋତ୍ସବ ପୂଜାମଣ୍ଡପରେ ରାମମୂର୍ତ୍ତି ଫିଙ୍ଗା ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

**ବେଲପଡା,୨୧।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଥାନା ଧୁମାଭଟା ଗ୍ରାମରେ ରାମଲୀଳା ମହୋତ୍ସବ ଚାଲିଥିବାବେଳେ ଗତ ୧୫ ତାରିଖରେ ପୂଜାମଣ୍ଡପରେ ପ୍ରଭୁ ରାମଚନ୍ଦ୍ରଙ୍କ ମୂର୍ତ୍ତି ଫିଙ୍ଗା ଘଟଣାକୁ ବିବାଦ ସୃଷ୍ଟି ହୋଇଛି। ରାମଲୀଳା କମିଟିର କର୍ମକର୍ତ୍ତା ବନମାଳି ନାଏକଙ୍କ ଅଭିଯୋଗ କ୍ରମେ ବେଲପଡା ଥାନାରେ ଏକ ମାମଲା (ନଂ.୪୮/୪) ରୁଜୁ ହୋଇଛି। ଅନ୍ୟପକ୍ଷେ ସେହି ଗ୍ରାମର ମୋହନ ସିଂ ବୁଡେକଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ନାଏକଙ୍କ ଅଭିଯୋଗ କ୍ରମେ ଆଉ ଏକ ମାମଲା (ନଂ.୫୦/୪) ରୁଜୁ ହୋଇଛି । ତେବେ ନିର୍ବାଚନ ସମୟ ଥିବାରୁ ବେଲପଡା ପୋଲିସ ଏହି ଘଟଣାକୁ ହାଲୁକା ଭାବରେ ନେଉଛି। ଏହାକୁ ନେଇ ଗ୍ରାମବାସୀ ପୋଲିସ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରବିବାର ବନମାଳି ନାଏକଙ୍କ ନେତୃତ୍ୱରେ ଧୁମାଭଟା ଗ୍ରାମର ୫୦ରୁ ୬୦ ଜଣ ମହିଳା ଓ ପୁରୁଷ ବେଲପଡା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପୋଲିସ ବିରୋଧୀ ନାରା ଦେଇଥିଲେ। ଏହାସହ ଅଭିଯୁକ୍ତଙ୍କୁ ପୋଲିସ ସୁରକ୍ଷା ଦେଉଥିବା ନେଇ ବେଲପଡା ଥାନା ଘେରାଉ କରିଥିଲେ। ତେବେ ଘଟଣାର ତଦନ୍ତ ଚାଲିଛି। କର୍ମଚାରୀ ନିର୍ବାଚନ କାମ ଯୋଗୁ ବାହାରକୁ ଯାଇଛନ୍ତି। ଏଣୁ କାହାରିକୁ ଗିରଫ କରାଯାଇନି। ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଥାନା ଆଗରୁ ଉଠିଥିଲେ। ସୂଚନା ଯୋଗ୍ୟ, ଘଟଣା ଦିନ ଗାଁର ମୋହନ ସିଂ ବୁଡେକ ରାମଲୀଳା ବନ୍ଦ କରିବା ପାଇଁ କହିଥିଲେ। ଏହାକୁ ତାକୁ ନେଇ କମିଟିର କେତେକ ବ୍ୟକ୍ତିଙ୍କ ସହ ମୋହନ ସିଂ ବୁଡେକଙ୍କ ଯୁକ୍ତିତର୍କ ହୋଇ ଗଣ୍ଡଗୋଳ ହୋଇଥିଲା। ବନମାଳି ନାଏକ, ଅଲେଖ ବୁଡେକ, ପଟେଲ ସିଂ ବୁଡେକ ଆହତ ହୋଇଥିଲେ। ଏହି ଗଣ୍ଡଗୋଳ ମୋହନଙ୍କ ସ୍ତ୍ରୀଙ୍କୁ କମିଟିର କେତେକ ବ୍ୟକ୍ତି ଦୁର୍ବ୍ୟବହାର କରିଥିଲେ ବୋଲି ମଧ ଥାନାରେ ଏକ ପାଲଟା ଲିଖିତ ଅଭିଯୋଗ ହୋଇଛି।



ଅଭିଯୁକ୍ତଙ୍କ ଗିରଫ ଦାବିରେ ରାମଲୀଳା କମିଟିର କର୍ମକର୍ତ୍ତାମାନେ ବେଲପାହା ଥାନା ଘେରାଉ କରିଛନ୍ତି।



ଚାଷୀମାନେ ସିଆମାଳ ନାଳିର ସଫେଇ କରୁଛନ୍ତି।

# ସିଆମାଳ ନାଳି କଙ୍କ୍ରିଟକରଣ କରିବାକୁ ଦାବି

**ବିନିକା, ୨୧।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଏବଂ ବାବୁପାଲି ପଞ୍ଚାୟତର ୫ଶହ ଏକର ଜମିରେ ସିଆମାଳ ନାଳିର ପାଣି ମାଡିଥାଏ। ୪ଶହରୁ ଉର୍ଦ୍ଧ୍ୱ ଚାଷୀ ଏହାଦ୍ୱାରା ଉପକୃତ ହୋଇଥାନ୍ତି। ହେଲେ ଗତ ୨୦ବର୍ଷ ହେଲା ଏହି ନାଳିର ଆବଶ୍ୟକ ମରାମତି ଓ କଙ୍କ୍ରିଟିକରଣ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବାବୁପାଲି ଲମ୍ବାଝୁପୁଡିଠାରୁ ବାଙ୍କିଘିର୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ଅଢେଇ କିମିର ଏହି ନାଳିର ମାତ୍ର ୨ଶହ ମିଟର ଯାଏଁ କଙ୍କ୍ରିଟିକରଣ ହୋଇଛି। ପ୍ରତ୍ୟେକ ବର୍ଷ ଅମରି, ଲାଜକୁଳି ପ୍ରଭୃତି ଗଛଲତାରେ ଭରି ଯାଇ ନାଳିରେ ଜଳପ୍ରବାହରେ ଅନ୍ତରାୟ ସାଜୁଛି। ତଳମୁଣ୍ଡରେ ପାଣି ପହଞ୍ଚି ନ ପାରିବାରୁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେନାଲ ବିଭାଗ ପକ୍ଷରୁ ସଫେଇ କରାଯାଉ ନ ଥିବାରୁ ଚାଷୀମାନେ ନିଜସ୍ୱ ଉଦ୍ୟମରେ ପ୍ରତିବର୍ଷ ସଫେଇ କରିବାକୁ ବାଧ ହୋଇଥାନ୍ତି। ଚଳିତ ବର୍ଷ ମଧ ଯଶୋବନ୍ତ ସାହୁ, ଲମ୍ବୋଦର ମହାକୁର, ମାଧବ ଯୁଆଡି, ବଳରାମ ଯୁଆଡି, ଶିବ ପାତ୍ର, ରଘୁ ମହାପାତ୍ର, ଗୋପୀନାଥ ଭୋଇ, ସର୍ଜନ ସାହୁ, ରଞ୍ଜନ ସାହୁ, ପ୍ରମୋଦ ଜୁଆଡି ପ୍ରମୁଖ ଚାଷୀ କେନାଲ ସଫେଇ କରିଥିଲେ। ଏହି ପରିସ୍ଥିତିରେ ଯଥାଶୀଘ୍ର ଏହା ସିଆମାଳ ନାଳର ସମ୍ପୂର୍ଣ୍ଣ କଂକ୍ରିଟକରଣ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

# କବିତା କହେ ହଜିଲା ଶିଶୁପଣର ଅନୁଭବ

**ବଲାଙ୍ଗୀର ଅଫିସ, ୨୧।୪**

ବଲାଙ୍ଗୀର ସହରର ଲିଟେରାରୀ ଆଣ୍ଡ ସୋସିଏଲ କ୍ଲବ୍ ପରିସରରେ ରବିବାର ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇ ଯାଇଛି । ନିର୍ଝରିଣୀ ସାହିତ୍ୟ ସଂସଦ ତରଫରୁ ଅନୁଷ୍ଠିତ ଏହି ସଭାରେ ଚୈତନ୍ୟ ଦାସ ଠାକୁର ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ତଥା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରମେଶ ପତ୍ରୀ ଯୋଗ ଦେଇଥିଲେ । ଏହି ସଭାରେ କବୟିତ୍ରୀ ସଞ୍ଜୁକ୍ତା ପରିଚ୍ଛାଙ୍କ ଶିଶୁ ସାହିତ୍ୟ କବିତା ଗୁଚ୍ଛ କବିତା ମଞ୍ଜରୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ମୁଖ୍ୟବକ୍ତା ଡ ପତ୍ରୀ ବକ୍ତବ୍ୟ ରଖି ସରଳ ଶିଶୁ ମନକୁ ବୁଝିବାକୁ ହେଲେ ପ୍ରଥମେ ନିଜ ଭିତରେ ସରଳତାକୁ ଖୋଜିବାକୁ ହେବ ବୋଲି କହିଥିଲେ । କବିତା ମାଧ୍ୟମରେ ଶିଶୁଙ୍କୁ ଆକୃଷ୍ଟ କରିବା ଚ୍ୟାଲେଞ୍ଜଭରା ଓ ରୋମାଞ୍ଚକର ଅନୁଭବ ବୋଲି ସେ କହିଥିଲେ । ମୁଖ୍ୟଅତିଥି ନାଟ୍ୟଭୂଷଣ ଛୁରିଆ ତାଙ୍କ ଅଭିଭାଷଣରେ ଶିଶୁ ହିଁ ସରଳତା ଓ ଦେବତ୍ୱର ନିଚ୍ଛକ ପ୍ରତିଫଳନ ବୋଲି କହିଥିଲେ । ଶିଶୁଙ୍କ ପାଇଁ କବିତା ସୃଷ୍ଟି ବାସ୍ତବରେ ଏକ ଅଭିନବ ଅଭିଜ୍ଞତା ବୋଲି ସେ କହିଥିଲେ । ନିଜର ହଜିଲା ଶିଶୁପଣକୁ କବିତା ହିଁ ଅନୁଭବ କରାଇଥାଏ ବୋଲି ସେ କହିଥିଲେ । କବୟିତ୍ରୀ ପରିଚ୍ଛାଙ୍କ କବିତା ମଞ୍ଜରୀ ଉପରେ ସମୀକ୍ଷା କରି ଆଲୋଚକ ମଦନ ମୋହନ ରଥ ଏହା ଶିଶୁଙ୍କୁ ଗଭୀର ଭାବେ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ନିର୍ଝରିଣୀ ସାହିତ୍ୟ ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ଓ ଶିଶୁ ସାହିତ୍ୟିକା ସବିତା ଭୋଇ ପରିଚାଳନା କରିଥିଲେ । କବୟିତ୍ରୀ ପରିଚ୍ଛା ପୁସ୍ତକ ପ୍ରକାଶନ ଓ ତାଙ୍କ ଅନୁଭୂତି ସମ୍ପର୍କରେ କହିଥିଲେ । ସଭା ପ୍ରାରମ୍ଭରେ ହୃଷୀକେଶ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ବ୍ରଜବିହାରୀ ତ୍ରିପାଠୀ ବେଦ ପାଠ କରିଥିଲେ । ଉନ୍ମୋଚନ ସଭା ପରେ ଦ୍ୱିତୀୟ ପର୍ଯ୍ୟାୟରେ କବି ଅର୍ଜୁନ ସାହୁଙ୍କ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ କବି ସୁଦଣ୍ଡ ପ୍ରସାଦ ନନ୍ଦ, ସତ୍ୟାନନ୍ଦ ବିଶ୍ୱାଳ, ବିଶ୍ୱଜିତ ପଣ୍ଡା, ପ୍ରଭାତ ଖମାରୀ, ଅଚ୍ୟୁତାନନ୍ଦ ଉଦ୍‌ଗାତା, ବଳିଷ୍ଠ ପଧାନ, ଡ. ଅଶୋକ କୁମାର ସେଠୀ, ନେପାଳ ଚନ୍ଦ୍ର ବାଗ, କବିତା ମିଶ୍ର ଓ ବୃନ୍ଦାବନ କୁମ୍ଭାର ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ଗା ଚରଣ ସାହୁ, ପ୍ରଦୀପ ପଶାୟତ, ସୁନାଧର ବନଛୋର, ତୁଡେନ୍ଦ୍ର କୁମାର ବେହେରା ଓ ରାହୁଲ ତାଣ୍ଡି ସହଯୋଗ କରିଥିଲେ। ଶେଷରେ ପ୍ରଦୀପ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ସାହିତ୍ୟ ପ୍ରେମୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ଫଟୋରେ ଖବର



ରବିବାର ସମ୍ବଲପୁର ସରକାରୀ ମହିଳା କଲେଜ ପଡ଼ିଆଠାରେ ଜଣେ ପୋଲିଂ କର୍ମଚାରୀ ପୋଷ୍ଟାଲ ଭୋଟ ଦେଉଛନ୍ତି।



ସରକାରୀ ମହିଳା କଲେଜ ପଡ଼ିଆ କ୍ୟାମ୍ପରେ ପୋଲିଂ କର୍ମଚାରୀମାନେ ନିଜ ନାମ ଓ ଅଞ୍ଚଳ ଯାଞ୍ଚ କରୁଛନ୍ତି।



ସରକାରୀ ମହିଳା କଲେଜ ପଡ଼ିଆ କ୍ୟାମ୍ପରେ ଇଭିଏମ୍, ଭିଭିପିଏଟି ନେବାକୁ ପୋଲିଂ କର୍ମଚାରୀଙ୍କ ଭିଡ଼।



ସରକାରୀ ମହିଳା କଲେଜ ପଡ଼ିଆରେ ଭୋଟ ସାମଗ୍ରୀ ଓ ଅଧିକାରୀଙ୍କୁ ବିଧାନସଭାକୁ ନେବା ପାଇଁ ଯାନବାହାନ ଠିଆ ହୋଇଛି।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ

# ୨୬୪ରୁ ୫୯ ବୁଥ୍ ସମ୍ବେଦନଶୀଳ

ବାମରା,୨୧।୪ (ସ୍ୱ.ପ୍ର.)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ଆସନ୍ତା ୨୩ ତାରିଖରେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ପୋଲିଂ ପାର୍ଟି ଭୋଟ ଗ୍ରହଣ କେନ୍ଦ୍ର ଅଭିମୁଖେ ଯାତ୍ରା କରିସାରିଛନ୍ତି। କୁଚିଣ୍ଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଚିଣ୍ଡା ବ୍ଲକ ଓ ଏନ୍ଏସିରେ ୭୮, ଜମନକିରାରେ ୯୧ ଓ ବାମରା ବ୍ଲକରେ ୯୫ ବୁଥ୍‌କୁ ମିଶାଇ ମୋଟ ୨୬୪ ବୁଥ୍ ସ୍ଥାପନ କରାଯାଇଛି। କୁଚିଣ୍ଡା ବ୍ଲକରେ ୩୨ ହଜାର ୭୭୩ ପୁରୁଷ ଓ ୩୩ହଜାର ୩୦୩ ମହିଳାଙ୍କୁ ମିଶାଇ ମୋଟ ୬୬ ହଜାର ୭୬ ଭୋଟର ରହିଛନ୍ତି। ଜମନକିରା ବ୍ଲକରେ ୩୫ ହଜାର ୩୫୧ ପୁରୁଷ ଓ ୩୫ ହଜାର ୮୭୦ ମହିଳାଙ୍କୁ ମିଶାଇ ୭୧ ହଜାର ୨୨୩ ଭୋଟର ଥିବାବେଳେ ବାମରା ବ୍ଲକରେ ୩୬ ହଜାର ୨୨୧ ପୁରୁଷ ଓ ୩୬ ହଜାର ୨୭୫ ମହିଳାଙ୍କୁ ମିଶାଇ ୭୨ ହଜାର ୪୯୭ ଭୋଟର ରହିଛନ୍ତି। କୁଚିଣ୍ଡା ନିର୍ବାଚନମଣ୍ଡଳୀର ବାମରାରେ ଜଣେ ଓ ଜମନକିରାରେ ୨ଜଣକୁ ମିଶାଇ ୩ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୨ଲକ୍ଷ ୯ହଜାର ୭୯୬। ନିର୍ବାଚନ ଅଧିକାରୀ ତଥା କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୬୪ ବୁଥ୍ ପାଇଁ ୧,୭୪୭ କର୍ମଚାରୀ ଓ ୧୪୫ ଅଧିକାରୀ ନିୟୋଜିତ ହୋଇଥିବା ସୂଚନା ମିଳିଛି। ୧୨ ବୁଥରେ ସିସିଟିଭି, ୩୩ ବୁଥରେ ମାଇକ୍ରୋ ପର୍ଯ୍ୟବେକ୍ଷକ, ୨୬ ବୁଥରେ ୱେବ କାଷ୍ଟିଂ, ୧୩ ବୁଥରେ ଭିଡିଓଗ୍ରାଫି, ୬ ବୁଥରେ ଷ୍ଟିଲ ଫଟୋଗ୍ରାଫି ପାଇଁ ବ୍ୟବସ୍ଥା କରାଯାଇଛି। ବୁଥଗୁଡ଼ିକ ମଧ୍ୟରୁ ୫୯ଟି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ନିର୍ବାଚନମଣ୍ଡଳୀରେ ମୋଟ ୧୬ଟି ଆଦର୍ଶ ବୁଥ ସ୍ଥାପନ କରାଯାଇଛି। ଏହି ବୁଥଗୁଡ଼ିକୁ ସୁସଜ୍ଜିତ କରାଯିବା ସହ ବସିବା, ପାନୀୟ ଜଳ ବ୍ୟବସ୍ଥା, ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ ଚେୟାର ଓ ର୍ୟାମ୍ପ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଭୋଟରମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯିବା ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

**କୁଚିଣ୍ଡା ନିର୍ବାଚନମଣ୍ଡଳୀ**



ପୋଲିଂ ପାର୍ଟି ବୁଥ୍ ଅଭିମୁଖେ ଯିବାକୁ ପ୍ରସ୍ତୁତ ହେଉଛନ୍ତି।

## ଗଛରେ ପିଟିହେଲା ବରଯାତ୍ରୀ ଗାଡ଼ି: ୮ ଆହତ, ୩ ଗୁରୁତର

ରେଙ୍ଗାଲି,୨୧।୪ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଶାସନ ଥାନା ଅଧୀନ ଜମାଦାରପାଲି-ଡାଇକ୍ ରାସ୍ତାରେ ରବିବାର ଏକ ବରଯାତ୍ରୀ ଗାଡ଼ି (ବୋଲେରୋ) ଗୋଟିଏ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଗାଡ଼ିରେ ବସିଥିବା ୮ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏମାନଙ୍କୁ ବୁର୍ଲା ଭିମ୍‌ସାର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏମାନେ ହେଲେ ସମ୍ବଲପୁର ବରେଇପାଲି ବେହେରାମୁଣ୍ଡାର ସୁନୀଲ ଓରାମ(୪୦), କିଶୋର ମାଝୀ (୪୭) ଓ ମୋହନ ଓରାମ । ଶାସନ ଥାନା ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ଏକ ବୋଲେରୋ (ଓଡି-୨୩ଡି-୯୮୯୪) ବରଯାତ୍ରୀଙ୍କୁ ନେଇ ତିଲେଇମାଲ ଠାରୁ ବରେଇପାଲି ବେହେରାମୁଣ୍ଡାକୁ ଫେରୁଥିଲା। ହେଲେ ଡାଇକ ରାସ୍ତାରେ ବୋଲେରୋଟି ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

**ସଂକ୍ଷେପରେ**

## ପଚା ଖାଦ୍ୟ ଖାଇ ୭ ଗୋରୁ ଅସୁସ୍ଥ

**ବାମରା,୨୧।୪(ସ୍ୱ.ପ୍ର.)-** ୨ରୁ ୩ ଦିନ ପୂର୍ବେ ପଚା ଖାଦ୍ୟ ଖାଇ ବାମରା ବ୍ଲକ କେଶାଇବାହାଲର ୭ ଗୋରୁ ଅସୁସ୍ଥ ହୋଇପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ହେମନ୍ତ କୁମାର ପଟେଲଙ୍କ ୩ଟି, ରମେଶ ମୁଣ୍ଡାଙ୍କ ୨ଟି ଏବଂ ଜାଗଲୋ ମୁଣ୍ଡା ଓ ଦୁଃଖ ମୁଣ୍ଡାଙ୍କ ଗୋଟିଏ ଲେଖାଏଁ ଗୋରୁ ରହିଛନ୍ତି। ବର୍ତ୍ତମାନ ଏହି ଅସୁସ୍ଥ ଗୋରୁଙ୍କୁ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଚିକିତ୍ସା କରୁଛନ୍ତି। ଅଭିଯୋଗ ଅନୁସାରେ, ୩ଦିନ ପୂର୍ବେ ସ୍ଥାନୀୟ କେଶାଇବାହାଲଠାରେ ଭାଜପାର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ସେଠାରେ ଚାଲିଥିବା ଭୋଜିର ବଳକା ଖାଦ୍ୟ ଫିଙ୍ଗି ଦିଆଯାଇଥିଲା। ଗୋରୁଗୁଡ଼ିକ ଏହି ଖାଦ୍ୟ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ଏ ସମ୍ପର୍କରେ କେଶାଇବାହାଲ ପ୍ରାଣୀଧନ ଚିକିତ୍ସକ ସୁଧାଂଶୁ ମୋହନ ନାଏକଙ୍କୁ ପଚାରିବାରୁ ସେ କହିଲେ, ମୁଁ ୩ ଗୋରୁଙ୍କ ଚିକିତ୍ସା କରୁଛି। ବାସି ଖାଦ୍ୟ ଖାଇ ଏଭଳି ଘଟଣା ଘଟିଥିବା ସେ କହିଛନ୍ତି।

## ୨୬ରେ ଏସ୍‌ୟୁ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସଭା

**ସମ୍ବଲପୁର,୨୧।୪(ବ୍ୟୁରୋ)-** ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସଭା ଆସନ୍ତା ୨୬ ତାରିଖ ଜ୍ୟୋତିବିହାରସ୍ଥିତ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଅଣଶିକ୍ଷକ ଓ ଶିକ୍ଷକ କର୍ମଚାରୀ ଯୋଗଦେବାକୁ ସ୍ଥିର କରାଯାଇଛି। ଏହି ସାଧାରଣ ସଭାରେ ସପ୍ତମ ବେତନ କମିଶନ ବିଷୟରେ ଆଲୋଚନା କରାଯିବ। ରବିବାର ଏକ ପ୍ରେସ୍ ବିବୃତିରେ ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର ଏହି ସୂଚନା ଦେଇଛନ୍ତି।

## ଦିବ୍ୟାଙ୍ଗଙ୍କ ଭୋଟଦାନ ସଚେତନତା ସଭା

**ସମ୍ବଲପୁର,୨୧।୪(ବ୍ୟୁରୋ)-** ଚଳିତ ନିର୍ବାଚନରେ ଦିବ୍ୟାଙ୍ଗଙ୍କ ଭୋଟଦାନ ସକାଶେ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ତେଣୁ ସମସ୍ତେ ଭୋଟ ଦେବାକୁ ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ପକ୍ଷରୁ ରବିବାର ଆହ୍ୱାନ ଦିଆଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ହୋଇଥିଲା। ଅଧିକ ସଂଖ୍ୟାରେ ମତଦାନ କଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ, ଯାହା ଦେଶ ପାଇଁ ଶୁଭଙ୍କର ବୋଲି ସଭାରେ ମତପ୍ରକାଶ ପାଇଥିଲା। ସଂଯୋଜିକା କଳ୍ପନା ମିଶ୍ର, ଶିକ୍ଷାବିତ୍ ଭକ୍ତପ୍ରସାଦ ନନ୍ଦ, ଉପସଭାପତି ଅଖିଳରଞ୍ଜନ ବିଶ୍ୱାଳ, ତାପସ କୁମାର ଦାଶ, ଶଙ୍କର ପଣ୍ଡା, ବିକାଶ ଚନ୍ଦ୍ର ମହାନ୍ତି, ଶିବ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ବିରାଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ପୁରସ୍କାର ବିତରଣ ଉତ୍ସବ

ସମ୍ବଲପୁର,୨୧।୪ (ବ୍ୟୁରୋ)

ସମ୍ବଲପୁର ବିରାଟ ଇନଷ୍ଟିଚ୍ୟୁଟରେ ପୁରସ୍କାର ବିତରଣ ଉତ୍ସବ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନ ଅଧ୍ୟକ୍ଷ ରାହୁଲ ରାଜ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ ଓ ଅଧ୍ୟାପକଙ୍କ ନିରନ୍ତର ଚେଷ୍ଟା ଯୋଗୁ ଅନୁଷ୍ଠାନ ସଫଳତାର ପାହାଚ ଚଢ଼ିବାରେ ଲାଗିଛି ବୋଲି ସେ କହିଥିଲେ। ଏହି ଅବସରରେ ବିରାଟ ମେଧାବୃତ୍ତି ୨୦୧୮-୧୯ରେ ଶ୍ରେଷ୍ଠ ଓ ବିଭିନ୍ନ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିରାଟ ମେଧାବୃତ୍ତି ୧୦ମ ପରୀକ୍ଷାରେ ବିଜୟନୀ ମହାପାତ୍ର ପ୍ରଥମ, ଆଶିଷ ଆଚାରୀ ଦ୍ୱିତୀୟ, ଅଂଶୁମାନ ସାହୁ ତୃତୀୟ, ସୋନାଲି ରୟ ଚତୁର୍ଥ, ଶୁଭେନ୍ଦୁ ସାହୁ ପଞ୍ଚମ ଏବଂ ଦେବାଂଶୀ ସାହୁ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ସେହିପରି ଜାତୀୟ ସ୍ତରରେ ହୋଇଥିବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନୁଷ୍ଠାନର ବହୁ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଜାତୀୟ ବିଜ୍ଞାନ ଅଲମ୍ପିଆଡ୍‌ରେ ପ୍ରଗତି ସାଲିନୀ, ଶ୍ରୀଜିତା, ଆଦର୍ଶ ବେହେରା, ନିଶାନ ନରେ ଓ ଅଭୟ ନାୟକ ସଫଳତା ହାସଲ କରିଛନ୍ତି। ଅନ୍ତର୍ଜାତୀୟ ଗଣିତ ଅଲମ୍ପିଆଡ୍‌ରେ ସିଦ୍ଧେଶ୍ୱର ପାତ୍ର, ଓଙ୍କାର ପାଢ଼ୀ, ସୋମେଶ ସାହୁ, ବର୍ଷା ପ୍ରିୟଦର୍ଶିନୀ ରଏ, ସୋନିକା ଦୋରା, ରିଧିମା ସାହୁ, ଜିତେନ୍ଦ୍ର ଜେନା, ସୋରିତ ସୋମେଶ, ଭୌତିକ ବିଜ୍ଞାନ ସର୍ବଭାରତୀୟ ସ୍ତରରେ ସୌମ୍ୟଜିତ ଘୋଷ, ଆଇଆଇଓରେ ଅଭୟ ନାଏକ, ଆଇଜିକେଓରେ ଆଦର୍ଶ କୁମାର, ସ୍ମୃତି ସିଂ ଓ ଆୟୁଷ ମିଶ୍ର ସଫଳତା ହାସଲ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା।



ସମ୍ବଲପୁର ବିରାଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅଧ୍ୟକ୍ଷ ରାହୁଲ ରାଜଙ୍କ ସହ କୃତୀ ଛାତ୍ରୀଛାତ୍ର।

## ଶେଷ ଦିନରେ ଜୋର ଲଗାଇଲେ ସବୁ ଦଳ

ରେଙ୍ଗାଲି,୨୧।୪ (ଡି.ଏନ୍.ଏ.)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ରବିବାର ପ୍ରଚାର ଶେଷ ହୋଇଛି। ଆସନ୍ତା ୨୩ ତାରିଖ ମଙ୍ଗଳବାର ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ। ତେବେ ପ୍ରଚାରର ଶେଷ ଦିନରେ ସମସ୍ତ ଦଳ ଜୋରଦାର ପ୍ରଚାର କରିଛନ୍ତି। ପୂର୍ବତନ ବାଚସ୍ପତି କିଶୋର ମହାନ୍ତି ଶନିବାର ଓ ରବିବାର ରେଙ୍ଗାଲି ବ୍ଲକର ସମସ୍ତ ପଞ୍ଚାୟତରେ ନିର୍ବାଚନୀ ସଭା ଆୟୋଜନ କରି ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। ମଙ୍ଗଳବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ରେଙ୍ଗାଲି ବ୍ଲକ ନୂଆରମ୍ଭେଲାସ୍ଥିତ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ୍‌କୁ ଆଦର୍ଶ ବୁଥ୍‌ରେ ପରିଣତ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ଜଣେ ଚୋରା ମଦ ବ୍ୟବସାୟୀ ବିପୁଳ ପରିମାଣର ମଦ କିଣି ନେଉଛନ୍ତି।

## ମଦ ଦୋକାନ ସିଲ୍, ଚୋରା ବ୍ୟବସାୟୀଙ୍କୁ ଲଗାମ ନାହିଁ

ବାମରା,୨୧।୪ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଦେଶୀ ଓ ବିଦେଶୀ ମଦ ଦୋକାନଗୁଡ଼ିକୁ ରବିବାର ସନ୍ଧ୍ୟାରେ ସିଲ୍ କରାଯାଇଛି। ମତଦାନ ଶେଷ ପର୍ଯ୍ୟନ୍ତ ଏଗୁଡ଼ିକ ବନ୍ଦ ରହିବ ବୋଲି ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ଦୋକାନ ସିଲ୍ ହେବା ପୂର୍ବରୁ ବିପୁଳ ପରିମାଣର ମଦ ଚୋରା ବ୍ୟବସାୟୀଙ୍କୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ବ୍ଲକ ସଦର ମହକୁମାସ୍ଥିତ ବିଦେଶୀ ମଦ ଦୋକାନରୁ ବିପୁଳ ମଦ ଚୋରା ବ୍ୟବସାୟୀଙ୍କୁ ବିକ୍ରି କରାଯାଇଛି। ଏହି ମଦ ଦୋକାନ ଅବକାରୀ କାର୍ଯ୍ୟାଳୟରୁ ମାତ୍ର ୧୦୦ ମିଟର ଓ ଗୋବିନ୍ଦପୁର ଥାନାଠାରୁ ୫୦ ମିଟର ଦୂରରେ ଥିବାବେଳେ ବିଭିନ୍ନ ଗାଡ଼ି ମୋଟର ମାଧ୍ୟମରେ ବେଆଇନ ମଦ ଚାଲାଣ ହେଉଥିଲେ ମଧ୍ୟ କାହାରି ଦୃଷ୍ଟି ନ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ନେଇ ମଦ ଦୋକାନ ପରିଚାଳକ ଅଞ୍ଜୟ କୁମାରଙ୍କୁ ପଚାରିବାରୁ ସେ କହିଲେ, ଆମର ଉପର ପର୍ଯ୍ୟନ୍ତ ସେଟିଂ ଅଛି। କେହି କିଛି କରିପାରିବେ ନାହିଁ ବୋଲି ସେ ମତ ଦେଇଛନ୍ତି। ବାମରା ଅବକାରୀ ବିଭାଗ ଅଧିକାରୀ ଏସ୍.ଏନ୍. ଘଡ଼େଇ ଏହାକୁ ଖଣ୍ଡନ କରିବା ସହ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

**ଶେଷ ଦିନରେ ନିର୍ବାଚନ ପ୍ରଚାର**



ରବିବାର ସମ୍ବଲପୁର ବିଧାନସଭା ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ର ଭୋଟ ପ୍ରଚାର କରୁଛନ୍ତି।





ରବିବାର ସମ୍ବଲପୁର ବିଧାନସଭା ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀ ଭୂତାପଡ଼ା ଛକରୁ ରୋଡ୍ ଶୋରେ ଯାଉଛନ୍ତି।

## ଦଳ ନୁହେଁ, ବ୍ୟକ୍ତିଙ୍କୁ ଭୋଟ ଦେବା ଉଚିତ୍

ସମ୍ବଲପୁର,୨୧।୪ (ବ୍ୟୁରୋ)

ଦୀର୍ଘଦିନ ହେବ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟାଳୟ ସ୍ଥାପନ ଦାବି କରାଯାଉଛି। ବିଭିନ୍ନ ଅଞ୍ଚଳର ଜନସାଧାରଣ ସେମାନଙ୍କ ଅଞ୍ଚଳରେ ବେଞ୍ଚ ସ୍ଥାପନ ଦାବି କରିବା ସ୍ୱାଭାବିକ କଥା। କିନ୍ତୁ ପ୍ରଶାସନିକ ନିଷ୍ପତ୍ତି ଓ ଯଶୋବନ୍ତ ସିଂ କମିଟି ସୁପାରିସ ଆଧାରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ହେବ। ହେଲେ ରାଜ୍ୟ ସରକାର ଏଥିପ୍ରତି ଅଣଦେଖା କରି ଚାଲିଛନ୍ତି। ଅପରପକ୍ଷେ ଦୀର୍ଘଦିନ ହେବ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଫିସ ପଶ୍ଚିମ ଓଡ଼ିଶାରେ ସ୍ଥାପନ ହୋଇପାରୁନାହିଁ। ଏହାକୁ ନେଇ ଜନପ୍ରତିନିଧିମାନେ ମଧ୍ୟ ଚୁପ୍ ରହୁଛନ୍ତି। ତେଣୁ ଚଳିତ ନିର୍ବାଚନରେ ଦଳ ନୁହେଁ, ବ୍ୟକ୍ତିଙ୍କୁ ଭୋଟ ଦେବା ଆବଶ୍ୟକତା ରହିଛି। ରବିବାର ସମ୍ବଲପୁର ବୁଢ଼ାରଜାସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବଲାଙ୍ଗୀର ଏମ୍‌ପି ବାଳଗୋପାଳ ମିଶ୍ର ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢ଼ିବାରେ ଲାଗିଛି। ଅଥଚ ସରକାର ଏହାକୁ ସ୍ୱୀକାର କରୁନାହାନ୍ତି। ଫଳରେ ଆତ୍ମହତ୍ୟା କରୁଥିବା ଚାଷୀ ପରିବାର କ୍ଷତିପୂରଣ ପାଇପାରୁନାହାନ୍ତି। ଆନ୍ଧ୍ରପ୍ରଦେଶ, କର୍ନାଟକ, ପଞ୍ଜାବରେ ସେଠିକାର ସରକାର ଚାଷୀ ଆତ୍ମହତ୍ୟା ଘଟଣାକୁ ସ୍ୱୀକାର କରୁଛନ୍ତି। ତେଣୁ ସେହି ରାଜ୍ୟର ଚାଷୀମାନେ ସମସ୍ତ ସୁବିଧା ପାଇପାରୁଛନ୍ତି। ବୁର୍ଲା ଡାକ୍ତରଖାନା ପଶ୍ଚିମ ଓଡ଼ିଶାର ଆଶା ଓ ଆସ୍ଥା କେନ୍ଦ୍ର। ଅଥଚ ଏହାକୁ ପୂର୍ଣ୍ଣ କ୍ଷମତା ଦିଆଯାଇନାହିଁ। ତତ୍କାଳୀନ ଭିମସାର ନିର୍ଦ୍ଦେଶକ ଡା. ଅଶ୍ୱିନୀ କୁମାର ପୂଜାହାରୀ ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାକୁ ସୁପର ସ୍ପେଶାଲିଟି ହସ୍ପିଟାଲ କରିବା ନେଇ ସମସ୍ତ କାର୍ଯ୍ୟ ହୋଇଥିଲା। ହେଲେ ସରକାର ତାହା କରାଇଦେଲେ ନାହିଁ। ଅପରପକ୍ଷେ ବିଭିନ୍ନ ଆଳ ଦେଖାଇ ନିର୍ଦ୍ଦେଶକଙ୍କୁ କାର୍ଯ୍ୟରୁ ହଟାଇବାରେ ସକ୍ଷମ ହେଲେ। ଉଭୟ ବିଜେଡି ଓ ଭାଜପା ଗତ ନିର୍ବାଚନ ସମୟରେ ବହୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ କିଛି କାର୍ଯ୍ୟକାରୀ ହୋଇନାହିଁ। ସେଥିପାଇଁ ବର୍ତ୍ତମାନ ଜନସାଧାରଣ ସଚେତନ ହୋଇ ଦକ୍ଷ ଓ ବିଦ୍ୱାନ ବ୍ୟକ୍ତିଙ୍କୁ ଭୋଟ ଦେବା ଉଚିତ ବୋଲି ମିଶ୍ର କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା ସ୍ୱାଭିମାନ ମଞ୍ଚ ଆବାହକ ନାରାୟଣ ପତି ଓ ବାଳକୋ ଆନ୍ଦୋଳନର ସ୍ୱାମୀ ସୋମବେଶ ବିଭିନ୍ନ ସୂଚନା ଦେଇଥିଲେ।



ରବିବାର ସମ୍ବଲପୁରରେ ପୂର୍ବତନ ବଲାଙ୍ଗୀର ଏମ୍‌ପି ବାଳଗୋପାଳ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ବୋମା ମାଡରେ ଜଣେ ଆହତ

**ମନମୁଣ୍ଡା, ୨୧।୪ (ଡି.ଏନ.ଏ)**

ବୌଦ୍ଧ ଜିଲାରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟିଛି । ମନମୁଣ୍ଡା ଥାନା ମହୁଲି ଗ୍ରାମପଞ୍ଚାୟତର ଋଷିବନ୍ଧଠାରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ବୋମାମାଡ ହୋଇଛି। ଏହି ଘଟଣାରେ ଜଣେ ଆହତ ହୋଇଛନ୍ତି । ଏ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ସୂଚନା ମୁତାବକ, ମହୁଲି ଗ୍ରାମର ସୁରେଶ ବେରିହା ଶନିବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ତାଙ୍କ ଭଣଜା କରଡାପାଲ ଗ୍ରାମର ଚନ୍ଦନ ମଲିକ ଏବଂ ଜୀବର୍ଦ୍ଧନ ମଲିକଙ୍କ ସହ ବିବାହ କାର୍ଡ ବଣ୍ଟନ କରି ବାଇକ ଯୋଗେ ଘରକୁ ଫେରୁଥିଲେ । ଋଷିବନ୍ଧ କଟାଙ୍ଗଠାରେ କେତେକ ଦୁର୍ବୃତ୍ତ ୩ଟି ବାଇକରେ ଆସି ପୂର୍ବରୁ ସେଠାରେ ଲୁଚି ରହିଥିଲେ । ସୁରେଶ, ଚନ୍ଦନ ଓ ଜୀବର୍ଦ୍ଧନ ସେହି ରାସ୍ତା ଦେଇ ଯିବାବେଳେ ଦୁର୍ବୃତ୍ତମାନେ ସେମାନଙ୍କ ଉପରକୁ ହାତ ତିଆରି ୨ଟି ବୋମା ଫିଙ୍ଗିଥିଲେ । ସୌଭାଗ୍ୟବଶତଃ ବୋମା ଦୁଇଟି ସେମାନଙ୍କ ଦେହରେ ନ ବାଜି ନିକଟରେ ପଡିଥିଲା ଏବଂ ବିସ୍ଫୋରଣ ଯୋଗୁ ସେମାନେ ବାଇକ ସହ ତଳେ ପଡିଯାଇଥିଲେ । ଏହି ସମୟରେ ଜଣେ ଦୁର୍ବୃତ୍ତ ଠେଙ୍ଗାରେ ସୁରେଶଙ୍କୁ ଆକ୍ରମଣ କରିଥିଲେ । ବାଇକରେ ଦୁଇଜଣ ଘଟଣାସ୍ଥଳକୁ ଆସୁଥିବା ଦେଖି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ବୋମା ମାଡରେ ଚନ୍ଦନ ଆହତ ହୋଇଛନ୍ତି। ସୁରେଶ ରବିବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୧/୧୯) ରୁଜୁ କରିଛି । ତେବେ ରାଜନୈତିକ ଶତ୍ରୁତା ଯୋଗୁ ଏହି ବୋମାମାଡ ହୋଇଥିବା ପୋଲିସ ଅନୁମାନ କରୁଛି ।

## ଭଡ଼ାଗାଡ଼ି ଆବଶ୍ୟକ

ସମ୍ବଲପୁର ସହରର ବରେଇପାଲିସ୍ଥିତ ଧରିତ୍ରୀ ଛାପାଖାନାଠାରୁ **ଭବାନୀପାଟଣା**କୁ ଧରିତ୍ରୀ ବିତରଣ କରିବା ନିମନ୍ତେ **BOLERO CAMPER** ଗାଡ଼ି ଭଡ଼ା ସୂତ୍ରରେ ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଗାଡ଼ିର ଆର୍.ସି. ବହିର ନକଲ, ଡ୍ରାଇଭିଂ ଲାଇସେନ୍ସ କପି ସହ ନିଜର କୋଟେସନ ସାତ (୭) ଦିନ ମଧ୍ୟରେ ନିମ୍ନ ଇ-ମେଲ ଠିକଣାରେ ପଠାନ୍ତୁ।

**<advt@dharitri.com>**




# ହକ୍ ପାଏଲେ ଦିବ୍ୟାଙ୍ଗ ଆଶୁତୋଷ

**ବିନିକା, ୨୧।୪(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ଗାଁର ହରିଶ୍ଚନ୍ଦ୍ର ହୋତାଙ୍କର ଦିବ୍ୟାଙ୍ଗ ପୁଓ ଆଶୁତୋଷ ଶେଷେ ସରକାରୀ ଯୋଜନାରେ ବିଜୁ ପକ୍କାଘର ଖଁଡ଼େ ପଏବାରେ ସଫଲ ହେଇଛନ୍। ସେ ଜନମ୍ ବେଲୁ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ହେଇ ଆଏଜ୍‌କେ ଗଲା ୨୦ ବଛର୍ ହେଲା ଖଟେ ପଡ଼ି ରହିଛନ୍। ଇଆଡ଼େ ଗରିବ୍ ମା'ବାପ୍ ପୁଓର ଚିକିସ୍ସା ଲାଗି ଘରେ ଯାହାଥିଲା ବିକାଭଂଗା କରି ଝଲା ହେଇଯାଇଥିଲେ। ଏନ୍‌ତା କି ଦିବ୍ୟାଙ୍ଗ ଆଶୁତୋଷ ଅନେକ ସରକାରୀ ଯୋଜନାରୁ ବି ବଁଚିତ୍ ହେଇ ରହିଥିଲେ। ଘଟନା ବାବ୍‌ଦେ ବିନିକା ଧରିତ୍ରୀ ପରତିନିଧି ସୁରାକ୍ ପାଇ ଖବର ବାହାର କରିଥିଲେ। ଗଲା ୩.୬.୨୦୧୮ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ '୨୦ ବଛର ହେଲା ଖଟେ ପଡ଼ିଛନ୍ ଆଶୁତୋଷ' ଶୀରଷକ୍‌ରେ ଖବର ବାହାରିଥିଲା। ଇ ଖବରକେ ନେଇ ଝନେ ସାମାଜିକ କରମୀ ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ କୁଠାଥି ଅଭିଯୋଗ ପତର ଦାଖଲ କରିଥିଲେ। ଫେନ୍ ଥରେ ଗଲା ୫.୬.୨୦୧୮ରେ 'ପରଶାସନିକ ଅବହେଲାର ଶିକାର ଦିବ୍ୟାଙ୍ଗ' ଶୀରଷକ୍‌ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବର ବାହାରବାର ୧୧ ଦିନ୍ ଉତାରୁ ପିଡିଡିଆର୍‌ଡିଏଙ୍କୁଁ ସେ ବେଲର ଜିଲାପାଲ ଦାଶରଥି ଶତପଥୀ ଘଟନାର ତଦଁତ କରି ପଦକ୍ଷେପ ନେବାକେ ନିରଦେଶ ଦେଇଥିଲେ। ଥାନୀୟ ପରଶାସନ ଆଶୁତୋଷର ପରିବାରକେ ବିଜୁ ପକ୍କାଘର ଯୋଜନାରେ ସାମିଲ କରିଥିଲା। ଏହେଦେ ଘର ତିଆରି ବି ଗୁଟେ ପରକାର ସରିଯାଇଛେ। ଇ ସାହାଯ୍ ଲାଗି ଆଶୁତୋଷର ମା'ବାପ୍ ଧରିତ୍ରୀକେ ଅଶେଷ ଧଏନ୍‌ବାଦ୍ ଦେଇଛନ୍।


ନୂଆଁ ଘର ଆଗେ ମା'ର ସଂଗେ ଦିବ୍ୟାଙ୍ଗ ଆଶୁତୋଷ।

**ଧରିତ୍ରୀ ପ୍ରଭାବ**







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୨ ଏପ୍ରିଲ, ୨୦୧୯



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ପ୍ଲୁଟୋ ଫୋର୍ସ ପକ୍ଷରୁ ବୁଲା କୁକୁରଙ୍କ ଯତ୍ନ

ରାଉରକେଲା ଅଫିସ,୨୧।୪

ପଶୁ କଲ୍ୟାଣ ସଂଗଠନ ପ୍ଲୁଟୋ ଫୋର୍ସ ପକ୍ଷରୁ ସହରର ବୁଲା କୁକୁରଙ୍କ ଯତ୍ନ ନେଇ ରବିବାର ଏହାର କର୍ମକର୍ତ୍ତା ଇଞ୍ଜେକ୍ସନ ପ୍ରଦାନ କରିଥିଲେ। ସହରରେ ବୁଲୁଥିବା କୁକୁର ପଲ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଯତ୍ନ ଅଭାବରୁ ରାସ୍ତା କଡ଼ରେ ମରି ପଡୁଛନ୍ତି। କେତେକ ପାଗଳ ହୋଇ ପଥଚାରୀଙ୍କୁ ଆକ୍ରମଣ କରୁଛନ୍ତି। ଏହାର ନିରାକରଣ ପାଇଁ ସଂଗଠନ କର୍ମକର୍ତ୍ତା ପଦକ୍ଷେପ ନେଇଛନ୍ତି। ବୁଲା କୁକୁରଙ୍କୁ ପ୍ରତିଷେଧକ ଟିକା ପ୍ରଦାନ କରାଯାଇଛି। ରବିବାର ଏଭଳି ୨୫ଟି କୁକୁରଙ୍କୁ ପ୍ରତିଷେଧକ ଇଞ୍ଜେକ୍ସନ ଦିଆଯିବା ଫଳରେ ଏମାନେ କୌଣସି ଗୁରୁତର ରୋଗରେ ପୀଡ଼ିତ ହେବେ ନାହିଁ ବୋଲି ସଂଗଠନ କର୍ମକର୍ତ୍ତା ମହେଶ ରାଜଗନ୍ଧା, ସ୍ୱାଗତିକା ମହାନ୍ତି, ଗୀତାଞ୍ଜଳି ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସୌମ୍ୟା ଶିବାଲିକା ବେହେରା ଓ ଆତିଶ ରାଜଗନ୍ଧା ସହଯୋଗ କରିଥିଲେ।

# ମଉଳିକ୍ ସୁବିଧା ସୁଯୋଗରୁ ବଁଚିତ୍ ୨ ପଡ଼ାବାସୀ

କେସିଙ୍ଗା,୨୧।୪ (ଡି.ଏନ.ଏ.)

କେସିଙ୍ଗା ଏନ୍.ଏ.ସି. ୮ ନମ୍ବର ୱାର୍ଡର ଯାଦବ ଆର ହରିଜନ ପଡ଼ାବାସୀ ମଉଳିକ ସୁବିଧାରୁ ବଁଚିତ ହେଉଥିବାର ଅଭିଯୋଗ ହେଇଛେ। ୮ ନମ୍ବର ୱାର୍ଡର ନ୍ୟୁ ଲାଇଫ୍ ସ୍କୁଲ ପାସେ ଥିବାର ହରିଜନ ପଡ଼ାରେ ପାଖାପାଖି ୩୦ ପରିବାରର ୨୫୦ ଲୋକ୍ ରହୁଛନ୍। ପଡ଼ାବାସୀକର ପିଇଲା ପାଏନ୍ ସୁବିଧା ଲାଗି ୨ଟା ନଲ୍‌ଚୁଆଁ ରହିଛେ। ହେଲେ ନଲ୍‌ଚୁଆଁ ୨ଟା ପଡ଼ାବାସୀକର ଶୋଷ ମେଟେଇ ନାଇଁ ପାରବାର। ଏହେଦେ ମୁଡ଼ଫଟା ଖରା ତାତିରେ ନଲ୍‌ଚୁଆଁର ପାଏନ୍ ବି ତଳକେ ଖସି ଯାଇଛେ। ନଲ୍‌ଚୁଆଁରୁ ଯେନ୍ ହିସାବେ ପାଏନ୍ ବାହାରବାର କଥା ନାଇଁ ବାହାରବାର। ଯେନ୍‌ଥିରଲାଗି ପଡ଼ାବାସୀ ପିଇଲା ପାଏନ୍ ଲାଗି ଡହକ୍‌ବିକଲ ହେଉଛନ୍। ସେନ୍ତା ଯାଦବ ପଡ଼ାରେ ପାଖାପାଖି ୩୫ ପରିବାର ବାସ୍ କରୁଛନ୍।



ପଡ଼ାର ନଲ୍‌ଚୁଆଁରେ ଛୁଆମାନେ ଗାଧୁଛନ୍।



ପଡ଼ାର ରାସ୍ତାର ଅବସ୍ତା।

ହେଲେ ଦୁଖର କଥା ବହୁତ୍ ବଛର ହେଲା ପଡ଼ାରେ ରାଏତ୍ ବେଲା ବିଦ୍ୟୁତ୍ ରହୁଥିଲାବେଲେ ଦିନ୍‌ବେଲା ପୂରାପୂରି ବିଦ୍ୟୁତ୍ କାଟ୍ ହେଉଛେ। ଯେନ୍‌ଥିରଲାଗି ପଡ଼ାବାସୀ ଇ ଖରା ଝାଉରେ ବଡ଼ା ଗୁଲଗୁଲା ହେଉଛନ୍। ବଡ଼ଭାଗି ବୁଢ଼ାବୁଢ଼ି, ଛୁଆପୁତା, ରୁଗୀମାନେ ଡହକ୍‌ବିକଲ ହେଉଥିବାର ଦେଖିବାକେ ମିଳୁଛେ। ଇ ବାବ୍‌ଦେ ପଡ଼ାବାସୀ ଏନ୍‌ଏସି କତ୍ତୃରପକ୍ଷକୁଁ ଜନେଇ ନିରାଶ ହେଇଥିବାର ଅଭିଯୋଗ କରିଛନ୍। ଇଆଡ଼େ ଉଭଏ ପଡ଼ାବାସୀ ରାସ୍ତା, ବିଦ୍ୟୁତ୍, ପିଇଲା ପାଏନ୍ ଲେଖେଁ ମଉଳିକ୍ ସୁବିଧାରୁ ବଁଚିତ୍ ହେଇ ରହୁଛନ୍। ଯାଦବ ପଡ଼ାରେ ଗୁଟେ ନଲ୍‌ଚୁଆଁ ଥିଲାବେଲେ ପଡ଼ାବାସୀ ପିଇଲା ପାଏନ୍ ଲାଗି ତାର ଉପରେ ନିରଭର କରି ଚଲୁଛନ୍। ବହୁତ୍ ସମିଆରେ ପାଏନ୍ ନେବାର ଲାଗି ନଲ୍‌ଚୁଆଁ ଆଘେ ଲୁକ୍‌କର ଲମ୍ବା ଲାଇନ୍ ଦେଖିବାକେ ମିଳୁଛେ। ସେନ୍ତା ପଡ଼ାର ରାସ୍ତାଘାଟ କଂକ୍ରିଟ ନାଇଁ ହେଇଥିବାର ଲାଗି ବର୍ଷା ଦିନେ ପଡ଼ାବାସୀ ବଡ଼ା ହଇରାନ୍ ହରକତ୍ ହେଉଛନ୍। ପିଏଚ୍‌ଡି ବିଭାଗର ପାଇପ୍ ଲାଇନ୍ ଯାଦବପଡ଼ା ଦେଇ ଯାଇଛେ। ହେଲେ ଆଶିରିୟର କଥା ପଡ଼ାର କାହାକେ ପାଏନ୍ ପାଇପ୍ ସଂଯୋଗ ନାଇଁ ଦିଆଯାଇ। ବିଦ୍ୟୁତ୍ ସମସିଆ ବାବ୍‌ଦେ ଥାନୀୟ ବିଭାଗୀୟ ଏସ୍‌ଡିଓ ମନୋରଞ୍ଜନ ମାଟିକୁଁ ପଚରାଲାରୁ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ଖୁଁଟା, ତାର ଟନା କାମ୍ ପୂରା ହେଇଛେ। ନିରବାଚନ ଲାଗି କାମ୍ ବଁଦ୍ ରହିଥିଲା। ଆଏବାର ୨୫ ତାରିଖ୍ ଭିତରେ ବିଦ୍ୟୁତ୍ ସଂଯୋଗ ଦିଆଯିବା ବଲି ସେ କହିଥିଲେ। ପଡ଼ାର ପାଏନ୍ ସମସିଆ ବାବ୍‌ଦେ ପିଏଚ୍‌ଡି ଅତିରିକ୍ତ ଯନ୍ତ୍ରୀ ଦୀପଙ୍କର ବିଶ୍ୱାସକୁଁ ପଚରାଲାରୁ ପଡ଼ାର ଝନେ ବି ପାଏନ୍ ପାଇପ୍ ସଂଯୋଗ ଲାଗି ଆବେଦନ ନାଇଁକରି। ଆବେଦନ କଲେ ନିହାତି ସଂଯୋଗ ଦିଆଯିବା ବଲି ସେ କହିଥିଲେ। ସେନ୍ତା ଉଭଏ ପଡ଼ାବାସୀକର ସମସିଆ ବାବ୍‌ଦେ ଏନ୍‌ଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରକୁଁ ପଚରାଲାରୁ ଘଟନାର ତଦଁତ୍ କରି ସମସିଆର ସମାଧାନ କରାଯିବା ବଲି ସେ କହିଥିଲେ।

### ୨ ଶିଶୁ ସହ ମହିଳା ଉଦ୍ଧାର

କର୍ଲାମୁଣ୍ଡା ୨୧।୪ (ଡି.ଏନ.ଏ.)

କଳାହାଣ୍ଡି ଚାଇଲ୍ଡଲାଇନ ପକ୍ଷରୁ ରବିବାର ୨ଶିଶୁଙ୍କ ସହ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଶନିବାର ରାତିରେ କର୍ଲାମୁଣ୍ଡାରେ ଜଣେ ବିଧବା ମହିଳା ୨ଶିଶୁଙ୍କୁ ଧରି ଅସହାୟ ଅବସ୍ଥାରେ ବୁଲୁଥିଲେ। ଏନେଇ ସାମାଜିକ କର୍ମୀ ସୁରେଶ ଚୌଧୁରୀ ଚାଇଲ୍ଡଲାଇନକୁ ଖବର ଦେଇଥିଲେ। ସ୍ଥାନୀୟ ଫାଣ୍ଡି ଅଧିକାରୀ ଅଧିଶୁଦ୍ର ବିଶ୍ୱାସ, କାହ୍ନୁଚରଣ ସାହୁ, ପ୍ରଦୀପ କୁମାର ସାହୁ, ଆଇସିଡିଏସ କର୍ମଚାରୀଙ୍କ ସହଯୋଗରେ ମହିଳା ଓ ୨ଶିଶୁଙ୍କୁ ରାତିରେ ବ୍ଲକ କାର୍ଯ୍ୟାଳୟକୁ ଆଣି ରଖିଥିଲେ। ରବିବାର ସକାଳେ ଚାଇଲ୍ଡଲାଇନ ଡାଇରେକ୍ଟର ରାଜକିଶୋର ଶର୍ମା, ସଂଯୋଜକ ସୁବାସ ଚନ୍ଦ୍ର ନାଏକ, ସୁପରଭାଇଜର କୁସୁମ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରି ଭବାନୀପାଟଣାସ୍ଥିତ ସ୍ୱାଧାରଗୃହକୁ ନିଆଯାଇଥିଲା। ଏନେଇ ଚାଇଲ୍ଡଲାଇନ କଳାହାଣ୍ଡିର ଡାଇରେକ୍ଟର ରାଜ କିଶୋର ଶର୍ମାଙ୍କୁ ପଚାରିବାରୁ ଡିଏସ୍‌ଡବ୍ଲ୍ୟୁ କଳାହାଣ୍ଡିଙ୍କ ସହିତ ଆଲୋଚନା କରି ୨ଶିଶୁ ଓ ମହିଳାଙ୍କୁ ସ୍ୱାଧରଗୃହରେ ରଖାଯାଇଥିବା କହିଥିଲେ।



ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ନବୋଦୟ ସ୍କୁଲର ବାର୍ଷିକ ଉତ୍ସବ

ଦେବଗଡ଼,୨୧।୪ (ସ୍ୱ.ପ୍ର.)

ଦେବଗଡ଼ ଜିଲା ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଉତ୍ତମ ପ୍ରସାଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦେବଗଡ଼ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପଦ୍ମଲାଭ ସାହୁ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ମନୋଜ ପାଢ଼ୀ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ପରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡ଼ିଆ ଅଧ୍ୟାପକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ରେବତୀ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଲାଇବ୍ରେରିଆନ ଗୋରୀନନ୍ଦିନୀ ବେହେରା, ଶିକ୍ଷକ ସୁଜିତ ସାମଲ, ତେଜ ସିଂ, ଦୀପାଞ୍ଜଳି ଜେନା, ଏନ.ଡି. ଲାକ୍ରା, କୁଳମଣି ଜେନା, ଅନନ୍ତ ଲେଙ୍କା, ଶାଶ୍ୱତ ନାୟକ,ଏସ.ବି. ଦାସ ପ୍ରମୁଖ ସହଯୋଗ କରିଥିଲେ।

# ୨ ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

ଭବାନୀପାଟଣା,୨୧।୪ (ଡି.ଏନ୍.ଏ.)

ସ୍ଥାନୀୟ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ମେକାନିକାଲ ଇଞ୍ଜିନିୟରିଂ ଏବଂ ବିଜ୍ଞାନ ବିଭାଗର ମିଳିତ ଉଦ୍ୟମରେ ଚାଲିଥିବା ୨ ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଶର ବହୁ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନରୁ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଗବେଷକ ଯୋଗ ଦେଇଥିଲେ। ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ପ୍ରଫେସର ଦୁଲୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ସମ୍ମିଳନୀ ସଭାଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦାଶ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପଟ୍ଟନାୟକ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମେକାନିକାଲ ବିଭାଗର ମୁଖ୍ୟ ପ୍ରଫେସର ବସନ୍ତ କୁମାର ମହାପାତ୍ର କହିଥିଲେ ଯେ, ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ଗବେଷଣା ପାଇଁ ପ୍ରୋତ୍ସାହିତ କରିବ। ସମ୍ମିଳନୀର ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଆଇଏମ୍‌ଏମ୍‌ଟିର ଅବସରପ୍ରାପ୍ତ ପ୍ରଫେସର ରାଜକିଶୋର ପରମଗୁରୁ, ସମ୍ମାନିତ ଅତିଥି ଭାବେ ଭିସୁଟ ବୁର୍ଲାର ବରିଷ୍ଠ ପ୍ରାଧ୍ୟାପକ ଦେବଦତ୍ତ ମିଶ୍ର, ଆଇଓପି ଭୁବନେଶ୍ୱର ବରିଷ୍ଠ ଅଧ୍ୟାପକ ପ୍ରଫେସର ଦେବକାନ୍ତ ସାମଲ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର ପରମଗୁରୁ ପର୍ଯ୍ୟାୟ ସାରଣୀର ନିକେଲ ଧାତୁ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ । ଅନ୍ୟତମ ବକ୍ତାଭାବେ ଜାତୀୟ ପ୍ରାଦ୍ୟୋଗିକ ସଂସ୍ଥାନ ରାୟପୁରର ରସାୟନ ବିଭାଗର ମୁଖ୍ୟ ପ୍ରଫେସର ଶ୍ୟାମାପ୍ରସାଦ ମହାପାତ୍ର, ଭିସୁଟ୍ ବୁର୍ଲାର ପ୍ରଫେସର ତୃପ୍ତିରଞ୍ଜନ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଆଇଆଇଟି ଖଡ଼ଗପୁରର ପ୍ରଫେସର ଟି.ପାଲ୍, ପ୍ରଫେସର ଏସ୍.କେ. ଶ୍ରୀବାସ୍ତବ, ଆଇଆଇଆଇଟି ଭୁବନେଶ୍ୱର ପ୍ରଫେସର ବାମଦେବ ସାହୁ, ଭିସୁଟ୍ ବୁର୍ଲାର ପ୍ରଫେସର ଟି.ଆର୍. ମହାପାତ୍ର ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଗବେଷକଙ୍କ ଗବେଷଣାଲବ୍ଧ ନିବନ୍ଧ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମର ଆବାହକ ପ୍ରଫେସର ଅଜିତ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲା ବେଳେ ଡଃ. ସୁଶାନ୍ତ କୁମାର ମହନ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସ୍ୱାତୀରାଣୀ ଶତପଥୀ ଓ ତୁଷାର ସେତୁଆ।



ଜାତୀୟ ସମ୍ମିଳନୀ ଅବସରରେ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ଜମିର ପୁନରୁଦ୍ଧାର, ମୃତ୍ତିକା ସ୍ୱାସ୍ଥ୍ୟ ସୁରକ୍ଷା ତାଲିମ ଶିବିର

କର୍ଲାମୁଣ୍ଡା,୨୧।୪ (ଡି.ଏନ.ଏ.)

କଳାହାଣ୍ଡି ଜଲା କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରା ପଞ୍ଚାୟତ ଟେଚାପଲାଠାରେ ଇଣ୍ଡୋଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି (ଆଇଜିଏସ୍‌ଏସ୍) ପକ୍ଷରୁ ଜମିର ପୁନରୁଉଦ୍ଧାର ଓ ମୃତ୍ତିକା ସ୍ୱାସ୍ଥ୍ୟ ସୁରକ୍ଷା ତାଲିମ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲିମଦାତା ଭାବେ ଅମ୍ବରିଶ ମିଶ୍ର, ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ଅମର କୁମାର ଗୌଡ ପ୍ରମୁଖ ଯୋଗଦେଇ ଜମିର ପୁନରୁଦ୍ଧାର ଏବଂ ମୃତ୍ତିକା ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ଏପରି କି କିପରି ଭାବେ ମୃତ୍ତିକା ସଂରକ୍ଷଣ କରିବା ସହ ଜମିର ସୁରକ୍ଷା ନେଇ ରହିଥିବା ବିଭିନ୍ନ କୌଶଳ ଉପରେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଏଥିରେ ବିଭିନ୍ନ ଗାଁର ଚାଷୀମାନେ ଅଂଶ ଗ୍ରହଣ କରିଥିବା ବେଳେ ସଂସ୍ଥାର କର୍ମୀ ଜଗଦୀଶ ରଣା, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମହିଳାମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ତାଲିମ ପ୍ରଦାନ କରାଯାଉଛି।

# ସିଟି ସ୍କୁଲ ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି

■ ରାସ୍ତା ମରାମତି, ଡ୍ରେନେଜ ବ୍ୟବସ୍ଥା ଦାବି

ଧର୍ମଗଡ଼,୨୧।୪ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ସହରର ୱାର୍ଡ ନଂ. ୮ ଅନ୍ତର୍ଗତ ସିଟି ସ୍କୁଲ ରାସ୍ତାର ଦୁରବସ୍ଥା ସ୍ଥାନୀୟ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ବର୍ତ୍ତମାନ କାଳବୈଶାଖୀ ପ୍ରଭାବରେ ହେଉଥିବା ଅଳ୍ପ ବର୍ଷାରେ ଉକ୍ତ ରାସ୍ତାରେ ଆଣ୍ଠୁଏ ପାଣି ଜମା ହୋଇରହୁଛି। ଫଳରେ ଲୋକ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ଧର୍ମଗଡ଼ ସହରରେ ବର୍ଷା ହୋଇଥିଲା। ଫଳରେ ଉକ୍ତ ରାସ୍ତାରେ ପାଣି ଜମି ଯାତାୟାତ ବାଧାପାପ୍ତ ହୋଇଥିଲା। ଆଗକୁ ବର୍ଷାଦିନ । ବିଶେଷ କରି ବର୍ଷା ଦିନେ ରାସ୍ତା ମଝିରେ ପାଣି ଜମି ଏକ କୃତ୍ରିମ ପୋଖରୀ ସୃଷ୍ଟି ହୋଇଯାଏ। ଫଳରେ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ରାସ୍ତାଟି ସହରର ଅନ୍ୟତମ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଲୋକଙ୍କ ଗହଳି ଲାଗିରହିଥାଏ। ଏପରି କି ଉକ୍ତ ରାସ୍ତାଦେଇ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜ ଯିବା ଆସିବା କରିଥାନ୍ତି। ହେଲେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପାଣି ଜମି ସମସ୍ୟା ସୃଷ୍ଟି ହେଉଛି। ରାସ୍ତାଟି ପୂର୍ବରୁ ଏନ୍‌ଏସି ଅଧୀନରେ ଥିବା ବେଳେ ବର୍ତ୍ତମାନ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ହେଲେ ରାସ୍ତା ପ୍ରତି ବିଭାଗ ପକ୍ଷରୁ କୌଣସି ଦୃଷ୍ଟି ଦିଆଯାଉ ନାହିଁ। ଏନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ରାସ୍ତା ମରାମତି ସହ ଡ୍ରେନେଜ ବ୍ୟବସ୍ଥା କରିବା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖା ଯାଇ ନ ଥିଲା। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାସ୍ତାରେ ପାଣି ଜମି ରହୁଥିବାରୁ ଦୁର୍ଘଟଣା ଘଟୁଥିବା ମଧ୍ୟ ନଜିର ରହିଛି । ଅପରପକ୍ଷେ ବର୍ଷା ହେଲେ ରାସ୍ତାର ପାଣି ନିକଟରେ ସିଟି ସ୍କୁଲ ଭିତରକୁ ପ୍ରବେଶ କରୁଛି। ଏପରିସ୍ଥିତିରେ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରା ଯାଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କୁ ପଚାରିବାରୁ ରାସ୍ତାରେ ଡ୍ରେନ କାର୍ଯ୍ୟ ହେବା ନେଇ ଯୋଜନା ରହିଛି। ତୁରନ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଡ୍ରେନ ହେଲେ ମଧ୍ୟ ଏହି ରାସ୍ତା ମରାମତି ନ ହେଲେ ଯଥା ପୂର୍ବଂ ତଥା ପରଂ ଅବସ୍ଥା ଲାଗି ରହିବ। ତେଣୁ ଡ୍ରେନ କାର୍ଯ୍ୟ ହେବା ପୂର୍ବରୁ ରାସ୍ତା ମରାମତିର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ବାସିନ୍ଦା ମତ ରଖିଛନ୍ତି।



ସିଟି ସ୍କୁଲ ରାସ୍ତାରେ ପାଣି ଜମା ହୋଇ ରହିଛି।

## ଦାସିଗାଁ-ପଦମପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

# କାମରେ ଅନିୟମିତତା ଅଭିଯୋଗ

ଜୁନାଗଡ଼/ଦାସିଗାଁ,୨୧।୪(ଡି.ଏନ୍.ଏ.)

■ ଧାର୍ଯ୍ୟ ସମୟ ଶେଷ ହୋଇ ଦେଢ଼ ବର୍ଷ ବିତିଲା
■ ସରୁନି ରାସ୍ତା କାମ
■ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ

ସରକାର ଗ୍ରାମ୍ୟ ସଂଯୋଗୀକରଣ ପାଇଁ ପ୍ରତି ୧୦୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରି ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ଯୋଜନା ଏବେ ବାଟବଣା ହେବାରେ ଲାଗିଛି। କଳାହାଣ୍ଡି ଜିଲା ଭବାନୀପାଟଣା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଥିବା ରାସ୍ତା କାମରେ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। କାମ ତଦାରଖ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଆନ୍ତରିକତା ନ ଥିବାରୁ ରାସ୍ତାଗୁଡିକ ନିମ୍ନମାନର ହୋଇ ଅଳ୍ପ ଦିନରେ ନଷ୍ଟହେବା ସହ ଠିକାଦାରଙ୍କ କାମରେ ମନ୍ଥର ଯୋଗୁ ଧାର୍ଯ୍ୟ ସମୟ ମଧ୍ୟରେ ରାସ୍ତା ଶେଷ ହୋଇପାରୁ ନ ଥିବା ଦେଖିବାକୁ ମିଳୁଛି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦାସିଗାଁ-ପଦମପୁର ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ କାମରେ। ଉକ୍ତ ରାସ୍ତା କାମ ୨୦୧୬ ଡିସେମ୍ବର ୨୬ତାରିଖରେ ଆରମ୍ଭ ହୋଇ ୨୦୧୯ ସେପ୍ଟେମ୍ବର ୨୫ତାରିଖରେ ଶେଷହେବା କଥା। ହେଲେ ରାସ୍ତା କାମ ଅଧା ବି ଶେଷ ହୋଇନାହିଁ। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ,ଦାସିଗାଁ-ପଦମପୁର ପର୍ଯ୍ୟନ୍ତ ୨କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ପାଇଁ ୯୮.୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ରାସ୍ତା ନିର୍ମାଣ ପାଇଁ ଜୁନାଗଡ଼ର ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଯାହାକି ସୂଚନା ଫଳକରେ ସୂଚାଇ ଦିଆଯାଇଛି। ସମ୍ପୃକ୍ତ ଠିକାଦାର ଜଣକ କାମ ଆରମ୍ଭରୁ ମନ୍ଥର ଗତିରେ କରୁଥିବାରୁ ବର୍ତ୍ତମାନ ଧାର୍ଯ୍ୟ ସମୟ ଶେଷହୋଇ ଦେଢ଼ ବର୍ଷ ବିତିଯାଇଥିଲେ ମଧ ରାସ୍ତା କାମ ଶେଷ ହୋଇପାରି ନାହିଁ। କେବଳ ମେଟାଲ ଓ ମୋରୁମ କାମ ସରିଥିବା ବେଳେ ପିଚୁ କାମ ଆରମ୍ଭ ହୋଇନାହିଁ। ଏପରି କି ରାସ୍ତାରେ ବ୍ୟବହୃତ ହୋଇଥିବା ମେଟାଲ ନିମ୍ନମାନର ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆରମ୍ଭରୁ ଅନିୟମିତତା ଏବଂ କାମରେ ବିଳମ୍ବତା ଯୋଗୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଗାଁ ଲୋକଙ୍କ ପାଇଁ ରାସ୍ତା କାମ ବିଳମ୍ବିତ ହୋଇଛି। ବର୍ତ୍ତମାନ ରାସ୍ତାର ପିଚୁ କାମ ସରିବା କଥା। ହେଲେ ରାସ୍ତାର ଗୋଟିଏ ସ୍ଥାନରେ ବେସରକାରୀ ଜାଗା ରହିଥିବାରୁ ସେଠାରୁ ଗ୍ରାମବାସୀ ପିଚୁ କାମ ଆରମ୍ଭ କରିବାକୁ କହୁଛନ୍ତି। ନ ହେଲେ ରାସ୍ତାରେ ପିଚୁ କାମ ବନ୍ଦ କରିବାକୁ କହୁଛନ୍ତି। ଫଳରେ ରାସ୍ତା କାମ ଶେଷ କରିବାରେ ସମସ୍ୟା ଉପୁଜୁଛି ବୋଲି କହିଥିଲେ।



ଦାସିଗାଁ-ପଦମପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।

- ଶିରିଡ଼ି ସାଇବାବା

## ସଂକ୍ଷେପରେ

### ବଲାଙ୍ଗୀର ସହରରେ ବିଜୁଳି ବିଭ୍ରାଟ, ଲୋକେ ଅତିଷ୍ଠ

**ବଲାଙ୍ଗୀର ଅଫିସ, ୨୧।୪:** ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେଉଥିବା ବଲାଙ୍ଗୀର ଜିଲାରେ ଏବେ ବିଜୁଳି ବିଭ୍ରାଟ ଅନ୍ୟତମ ଚିନ୍ତାର କାରଣ ପାଲଟିଛି । ପ୍ରଚଣ୍ଡ ଗରମରେ ଲୋକେ ଆଉଟୁପାଉଟୁ ହେଉଥିବାବେଳେ ଅଘୋଷିତ ବିଜୁଳି ବିଭ୍ରାଟକୁ ନେଇ ଲୋକେ ଚିନ୍ତାରେ ପଡିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ମଧ ବିଭିନ୍ନ ବାହାନା ଦେଖାଇ ବିଦ୍ୟୁତ୍ ବିଭାଗ ଚୁପ୍ ହୋଇ ବସିପଡିଛି । ଗତ କିଛିଦିନ ହେଲା ସକାଳୁ ବିଦ୍ୟୁତ୍ କାଟ୍ କରାଯାଉଛି । ସନ୍ଧ୍ୟାରେ କିଛିଦିନ ହେଲା କାଳବୈଶାଖୀ ଝଡତୋଫାନ୍ ଦେଖାଯାଉଥିବାବେଳେ ସଙ୍ଗେ ସଙ୍ଗେ ବିଜୁଳି କାଟ୍ କରାଯାଉଛି। ଅନେକ ପଡାରେ ଦିନରାତିରେ ଦୀର୍ଘ ସମୟ ଧରି ଆଉ ବିଜୁଳି ଆସୁନାହିଁ । ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିଛିଦିନ ହେଲା ବଲାଙ୍ଗୀର ଜିଲାର ବିଭିନ୍ନ ଗ୍ରାମ ଓ ସହରରେ ୪୦ ଡିଗ୍ରୀରୁ ଅଧିକ ତାପମାତ୍ରା ରହୁଛି । ଏଭଳି ଗରମରେ ଗାଁ ଓ ସହରର ଲୋକେ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି । ଏନେଇ ବିଦ୍ୟୁତ୍ ବିଭାଗର ଫ୍ୟୁଜ୍ କଲ ସେଣ୍ଟର ଟେଲିଫୋନ୍ ମଧ କେହି ଉଠାଉନାହାନ୍ତି । ଏଭଳି ପରିସ୍ଥିତିରେ ସହରରେ ଜନଅସନ୍ତୋଷ ତୀବ୍ରତର ହେବାରେ ଲାଗିଛି । ଆଗକୁ ପରିସ୍ଥିତି ନ ସୁଧୁରିଲେ ଜନଅସନ୍ତୋଷ ଆନ୍ଦୋଳନର ରୂପ ନେବ ବୋଲି ଆଲୋଚନା ହେଉଛି ।

# ସୁବର୍ଣ୍ଣପୁରରେ ପରିବାର ଅଦାଲତ ଖୋଲିଲା

**ସୋନପୁର,୨୧।୪(ନି.ପ୍ର.)**

ଜନସାଧାରଣଙ୍କ ଦୀର୍ଘଦିନର ଦାବି ପରେ ସୁବର୍ଣ୍ଣପୁରରେ ପରିବାର ଅଦାଲତ ଖୋଲିଛି। ଏହି ଅଦାଲତ ଦ୍ୱାରା ପାରିବାରିକ ବିବାଦର ଆପୋଷ ସମାଧାନ ହୋଇପାରିବ। ରବିବାର ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ଚିତ୍ତରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅଦାଲତକୁ ଉଦ୍‌ଘାଟନ କରିଥିଲେ। ଉଚ୍ଚ ନ୍ୟାୟାଳୟର ଅନ୍ୟତମ ବିଚାରପତି ପ୍ରମଥ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲା ଦୌରାଜଜ୍ ରାଜ କୁମାର ସାହୁ, ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ସିଜେଏମ୍ ମାନସ ରଞ୍ଜନ ରଥ, ରେଜିଷ୍ଟ୍ରାର ସୀମା ତ୍ରିପାଠୀ, ସବ୍‌ଜଜ ସନ୍ଦୀପ ପଟ୍ଟନାୟକ, ପରିବାର ଅଦାଲତର ଜଜ୍ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଏସ୍‌ଡିଜେଏମ ସୁକାନ୍ତ ଜେନା, ସଭ୍ୟ ତନ୍ମୟ ମହାନ୍ତି, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା ଓ ଆଇନଜୀବୀ ବୃନ୍ଦ ଉପସ୍ଥିତ ଥିଲେ। ପରେ ବାର୍ ସଂଘର ସଭାଗୃହରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ଏକ ସୌଜନ୍ୟମୂଳକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ବାର୍ କିଭଳି ଅଧିକ କ୍ରିୟାଶୀଳ ଓ ଠିକଣା ଭାବେ କାର୍ଯ୍ୟ କରିବ, ଜନସାଧାରଣଙ୍କୁ କିପରି ସୁବିଧାରେ ଆଇନର ସେବା ମିଳିପାରିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଆଇନଜୀବୀ ମଧୁସୂଦନ ପଧାନ, ଗୋପାଳକୃଷ୍ଣ ମିଶ୍ର, ପ୍ରକାଶ ମିଶ୍ର, ପ୍ରକାଶ ରଥ, ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଇନ୍ଦ୍ରମଣି ଦାଶ, ବ୍ୟୋମକେଶ ଦାଶ, ଗୌରିଶ୍ୟାମ ପଣ୍ଡା, ହିମାଂଶୁ ଭୂଷଣ ନାୟକ, ଶ୍ୟାମା ଓଁପ୍ରସାଦ ମିଶ୍ର, ବାବୁଲା ଦାଶ, ଗଦାଧର ନେଗୀ, ସନ୍ତୋଷ ମେହେର, ଆଦିକନ୍ଦ ପାଣିଗ୍ରାହୀ ଓ ଭଗବତୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଚିତ୍ତରଞ୍ଜନ ଦାଶ ଓ ପ୍ରମଥ ପଟ୍ଟନାୟକ ରାମପୁରରେ ନବ ନିର୍ମିତ ଦେୱାନୀ ବିଚାରପତି (କନିଷ୍ଠ ବିଭାଗ) ତଥା ପ୍ରଥମ ଶ୍ରେଣୀ ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ କୋଠାକୁ ଉଦ୍‌ଘାଟନ କରିଥିଲେ।



ପରିବାର ଅଦାଲତକୁ ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି ।

### କୁଲିପାଲିରେ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ, ଉତ୍ତେଜନା

# ୨ ମାମଲା ରୁଜୁ, ପୋଲିସ ମୁତୟନ

**ସୋନପୁର,୨୧।୪(ନି.ପ୍ର.)**

ସୋନପୁର ଥାନା ଅନ୍ତର୍ଗତ କୁଲିପାଲି ଗ୍ରାମରେ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ଦେଖା ଦେଇଛି। ଏହି ଘଟଣାକୁ ନେଇ ଗ୍ରାମର ଉଭୟ ପକ୍ଷ ଥାନାରେ ଅଭିଯୋଗେ କରିବା ପରେ ପୋଲିସ ଶନିବାର ରାତିରେ ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ କରିଛି । ସୂର୍ଯ୍ୟକାନ୍ତ କର୍ଣ୍ଣଙ୍କ ଅଭିଯୋଗ ଆଧାରରେ ମୋହିନୀ ଦୀପ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିଭଳି ମୋହିନୀଙ୍କ ଅଭିଯୋଗ କ୍ରମେ ଭକ୍ତ କର୍ମୀ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି । ତେବେ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ । ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ ଅଛନ୍ତି । ଏହି ଗ୍ରାମରେ ଗତ ୧୩ ତାରିଖରୁ ରାମଲୀଳା ଚାଲିଛି । ସବର୍ଣ୍ଣ ଗୋଷ୍ଠୀ ଏହି ରାମଲୀଳା କରୁଛନ୍ତି। ଏଥିପାଇଁ ଗ୍ରାମରେ ଆମିଷ ନିଷେଧ ରହିଛି। ତେବେ ଗତ ୧୭ ତାରିଖ ଗ୍ରାମର ଜଣେ ଅସବର୍ଣ୍ଣ ପରିବାରର ନିର୍ବନ୍ଧ କାର୍ଯ୍ୟ ଥିଲା। ଏଥିପାଇଁ ସେ ଏକ ଛେଳି ମାରି ତାହାର ଫୁଟା ସ୍ଥାନୀୟ ବନ୍ଧରେ ଧୋଇ ରାମଲୀଳା ପେଣ୍ଡାଲ ସମ୍ମୁଖ ଦେଇ ଚାଲି ଯାଇଥିଲେ। କିଛି ସବର୍ଣ୍ଣ ବ୍ୟକ୍ତି ଏଭଳି କାର୍ଯ୍ୟକୁ ବାରଣ କରିଥିଲେ । ଘଟଣାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା । ଉଭୟ ପକ୍ଷ ପରସ୍ପରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧସ୍ତାଧସ୍ତି ହୋଇଥିଲେ । ତେବେ ୧୮ ତାରିଖ ନିର୍ବାଚନ ଥିବାରୁ ଆପୋସ ସମାଧାନ କରାଯିବାକୁ ଚେଷ୍ଟା କରା ଯାଇଥିଲା । କିନ୍ତୁ ସମାଧାନ ନ ହେବାରୁ ଉଭୟ ପକ୍ଷ ଶନିବାର ପୁଣି ଥାନାର ଦ୍ୱାରସ୍ଥ ହୋଇଥିଲେ । ଡିଏସ୍‌ପି (କ୍ରାଇମ) ଆଣ୍ଟୋନୀ ତିର୍କୀ ଓ ଏଏସ୍‌ଆଇ ସଞ୍ଜୀବ କୁମାର ବଡ଼ିଆ ମାମଲାର ତଦନ୍ତ କରୁଛନ୍ତି ।

# କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତିର ସମୀକ୍ଷା ବୈଠକ

**କଣ୍ଟାବାଞ୍ଜି,୨୧।୪(ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତିର ଏକ ନିର୍ବାଚନୀ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ପଡୋଶୀ ବେଲପଡା, ଖପ୍ରାଖୋଲ ବ୍ଲକ ସହିତ କଣ୍ଟାବାଞ୍ଜି ଏନଏସିକୁ ନେଇ ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ଦିଆଗଲେ ହିଁ ଅଞ୍ଚଳର ବିକାଶ ହେବା ସହିତ ଦାଦନ ସମସ୍ୟା ରୋକାଯାଇ ପାରିବ ବୋଲି ଏଥିରେ ଆଲୋଚନା ହୋଇଛି। ଏହି ବୈଠକରେ ସମିତିର ସଭାପତି ଶେଷଦେବ ପୁଟେଲ ସଭାପତିତ୍ୱ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ସଂଘର୍ଷ ସମିତିର ସଭ୍ୟମାନେ ଉପସ୍ଥିତ ରହି ନିଜ ନିଜର ମତ ରଖିଛନ୍ତି। ସଭା ଶେଷରେ ସମିତିର କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ ଧନ୍ୟବାଦ ଦେଇଥିଲେ।

### ଧୁମାଭଟା ଗାଁର ରାମଲୀଳା ମହୋତ୍ସବ ପୂଜାମଣ୍ଡପରେ ରାମମୂର୍ତ୍ତି ଫିଙ୍ଗା ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

**ବେଲପଡା,୨୧।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଥାନା ଧୁମାଭଟା ଗ୍ରାମରେ ରାମଲୀଳା ମହୋତ୍ସବ ଚାଲିଥିବାବେଳେ ଗତ ୧୫ ତାରିଖରେ ପୂଜାମଣ୍ଡପରେ ପ୍ରଭୁ ରାମଚନ୍ଦ୍ରଙ୍କ ମୂର୍ତ୍ତି ଫିଙ୍ଗା ଘଟଣାକୁ ବିବାଦ ସୃଷ୍ଟି ହୋଇଛି। ରାମଲୀଳା କମିଟିର କର୍ମକର୍ତ୍ତା ବନମାଳି ନାଏକଙ୍କ ଅଭିଯୋଗ କ୍ରମେ ବେଲପଡା ଥାନାରେ ଏକ ମାମଲା (ନଂ.୪୮/୪) ରୁଜୁ ହୋଇଛି। ଅନ୍ୟପକ୍ଷେ ସେହି ଗ୍ରାମର ମୋହନ ସିଂ ବୁଡେକଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ନାଏକଙ୍କ ଅଭିଯୋଗ କ୍ରମେ ଆଉ ଏକ ମାମଲା (ନଂ.୫୦/୪) ରୁଜୁ ହୋଇଛି । ତେବେ ନିର୍ବାଚନ ସମୟ ଥିବାରୁ ବେଲପଡା ପୋଲିସ ଏହି ଘଟଣାକୁ ହାଲୁକା ଭାବରେ ନେଉଛି। ଏହାକୁ ନେଇ ଗ୍ରାମବାସୀ ପୋଲିସ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରବିବାର ବନମାଳି ନାଏକଙ୍କ ନେତୃତ୍ୱରେ ଧୁମାଭଟା ଗ୍ରାମର ୫୦ରୁ ୬୦ ଜଣ ମହିଳା ଓ ପୁରୁଷ ବେଲପଡା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପୋଲିସ ବିରୋଧୀ ନାରା ଦେଇଥିଲେ। ଏହାସହ ଅଭିଯୁକ୍ତଙ୍କୁ ପୋଲିସ ସୁରକ୍ଷା ଦେଉଥିବା ନେଇ ବେଲପଡା ଥାନା ଘେରାଉ କରିଥିଲେ। ତେବେ ଘଟଣାର ତଦନ୍ତ ଚାଲିଛି। କର୍ମଚାରୀ ନିର୍ବାଚନ କାମ ଯୋଗୁ ବାହାରକୁ ଯାଇଛନ୍ତି। ଏଣୁ କାହାରିକୁ ଗିରଫ କରାଯାଇନି। ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଥାନା ଆଗରୁ ଉଠିଥିଲେ। ସୂଚନା ଯୋଗ୍ୟ, ଘଟଣା ଦିନ ଗାଁର ମୋହନ ସିଂ ବୁଡେକ ରାମଲୀଳା ବନ୍ଦ କରିବା ପାଇଁ କହିଥିଲେ। ଏହାକୁ ତାକୁ ନେଇ କମିଟିର କେତେକ ବ୍ୟକ୍ତିଙ୍କ ସହ ମୋହନ ସିଂ ବୁଡେକଙ୍କ ଯୁକ୍ତିତର୍କ ହୋଇ ଗଣ୍ଡଗୋଳ ହୋଇଥିଲା। ବନମାଳି ନାଏକ, ଅଲେଖ ବୁଡେକ, ପଟେଲ ସିଂ ବୁଡେକ ଆହତ ହୋଇଥିଲେ। ଏହି ଗଣ୍ଡଗୋଳ ମୋହନଙ୍କ ସ୍ତ୍ରୀଙ୍କୁ କମିଟିର କେତେକ ବ୍ୟକ୍ତି ଦୁର୍ବ୍ୟବହାର କରିଥିଲେ ବୋଲି ମଧ ଥାନାରେ ଏକ ପାଲଟା ଲିଖିତ ଅଭିଯୋଗ ହୋଇଛି।



ଅଭିଯୁକ୍ତଙ୍କ ଗିରଫ ଦାବିରେ ରାମଲୀଳା କମିଟିର କର୍ମକର୍ତ୍ତାମାନେ ବେଲପାହା ଥାନା ଘେରାଉ କରିଛନ୍ତି।



ଚାଷୀମାନେ ସିଆମାଳ ନାଳିର ସଫେଇ କରୁଛନ୍ତି।

# ସିଆମାଳ ନାଳି କଙ୍କ୍ରିଟକରଣ କରିବାକୁ ଦାବି

**ବିନିକା, ୨୧।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଏବଂ ବାବୁପାଲି ପଞ୍ଚାୟତର ୫ଶହ ଏକର ଜମିରେ ସିଆମାଳ ନାଳିର ପାଣି ମାଡିଥାଏ। ୪ଶହରୁ ଉର୍ଦ୍ଧ୍ୱ ଚାଷୀ ଏହାଦ୍ୱାରା ଉପକୃତ ହୋଇଥାନ୍ତି। ହେଲେ ଗତ ୨୦ବର୍ଷ ହେଲା ଏହି ନାଳିର ଆବଶ୍ୟକ ମରାମତି ଓ କଙ୍କ୍ରିଟିକରଣ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବାବୁପାଲି ଲମ୍ବାଝୁପୁଡିଠାରୁ ବାଙ୍କିଘିର୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ଅଢେଇ କିମିର ଏହି ନାଳିର ମାତ୍ର ୨ଶହ ମିଟର ଯାଏଁ କଙ୍କ୍ରିଟିକରଣ ହୋଇଛି। ପ୍ରତ୍ୟେକ ବର୍ଷ ଅମରି, ଲାଜକୁଳି ପ୍ରଭୃତି ଗଛଲତାରେ ଭରି ଯାଇ ନାଳିରେ ଜଳପ୍ରବାହରେ ଅନ୍ତରାୟ ସାଜୁଛି। ତଳମୁଣ୍ଡରେ ପାଣି ପହଞ୍ଚି ନ ପାରିବାରୁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେନାଲ ବିଭାଗ ପକ୍ଷରୁ ସଫେଇ କରାଯାଉ ନ ଥିବାରୁ ଚାଷୀମାନେ ନିଜସ୍ୱ ଉଦ୍ୟମରେ ପ୍ରତିବର୍ଷ ସଫେଇ କରିବାକୁ ବାଧ ହୋଇଥାନ୍ତି। ଚଳିତ ବର୍ଷ ମଧ ଯଶୋବନ୍ତ ସାହୁ, ଲମ୍ବୋଦର ମହାକୁର, ମାଧବ ଯୁଆଡି, ବଳରାମ ଯୁଆଡି, ଶିବ ପାତ୍ର, ରଘୁ ମହାପାତ୍ର, ଗୋପୀନାଥ ଭୋଇ, ସର୍ଜନ ସାହୁ, ରଞ୍ଜନ ସାହୁ, ପ୍ରମୋଦ ଜୁଆଡି ପ୍ରମୁଖ ଚାଷୀ କେନାଲ ସଫେଇ କରିଥିଲେ। ଏହି ପରିସ୍ଥିତିରେ ଯଥାଶୀଘ୍ର ଏହା ସିଆମାଳ ନାଳର ସମ୍ପୂର୍ଣ୍ଣ କଂକ୍ରିଟକରଣ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

### ଧଣ୍ଡାମୁଣ୍ଡା ରାମଲୀଳା ମହୋତ୍ସବ

# କଳାକାରଙ୍କ ଅଭିନୟ ମନ ମୋହୁଛି

**ଖପ୍ରାଖୋଲ,୨୧।୪ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ଚାଲିଥିବା ରାମଲୀଳା ମହୋତ୍ସବ ଦର୍ଶକଙ୍କ ମନ ମୋହୁଛି। କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବେଶ୍ ଆନନ୍ଦ ଦେଉଛି। ରାମ ଭୂମିକାରେ ବୈଦ୍ୟନାଥ ମିଶ୍ର, ସୀତା ଭୂମିକାରେ ରୁନୁ ସାହୁ , ଲକ୍ଷ୍ମଣ ଭୂମିକାରେ ବିନାୟକ ଥନାପତି, ଜନକ ଭୂମିକାରେ କମଳାପତି ମିଶ୍ର ପ୍ରମୁଖ ଅଭିନୟ କରୁଛନ୍ତି। ରାମଲୀଳା କମିଟି ସଭାପତି ପବିତ୍ର ପଟେଲ, ରାକେଶ ପଧାନ, ବୃନ୍ଦାବନ ପଧାନ, ସୁରୁକୁନୁ ସାହୁ, କୁଶଧ୍ୱଜ ବନଛୋର, ଗାୟକ ଚୌବନ ବନଛୋର, ଟଙ୍କଧର ପଧାନ, ମଧୁ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି। ତେବେ ଏହି ରାମଲୀଳା ମହୋତ୍ସବ ରାମନବମୀଠାରୁ ଆରମ୍ଭ ହୋଇଛି। ୨୧ ଦିନ ଧରି ଏହା ଚାଲିବ।

## ଫଟୋରେ ଖବର



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା କଲୋନୀପଡାରେ ଅଚଳ ହୋଇ ପଡି ରହିଥିବା ନଳକୂପ । ଗ୍ରୀଷ୍ମଋତୁରେ ଲୋକେ ପାଣି ପାଇଁ ତହଳବିକଳ ହେଉଥିବା ବେଳେ ଏହାର ମରାମତି ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ।

### ଲିଟେରାରୀ ଆଣ୍ଡ ସୋସିଏଲ କ୍ଲବ୍‌ରେ ସାରସ୍ୱତ ସଭା

# କବିତା କହେ ହଜିଲା ଶିଶୁପଣର ଅନୁଭବ

**ବଲାଙ୍ଗୀର ଅଫିସ, ୨୧।୪**

ବଲାଙ୍ଗୀର ସହରର ଲିଟେରାରୀ ଆଣ୍ଡ ସୋସିଏଲ କ୍ଲବ୍ ପରିସରରେ ରବିବାର ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇ ଯାଇଛି। ନିର୍ଝରିଣୀ ସାହିତ୍ୟ ସଂସଦ ତରଫରୁ ଅନୁଷ୍ଠିତ ଏହି ସଭାରେ ଚୈତନ୍ୟ ଦାସ ଠାକୁର ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ତଥା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରମେଶ ପତ୍ରୀ ଯୋଗ ଦେଇଥିଲେ । ଏହି ସଭାରେ କବୟିତ୍ରୀ ସଞ୍ଜୁକ୍ତା ପରିଚ୍ଛାଙ୍କ ଶିଶୁ ସାହିତ୍ୟ କବିତା ଗୁଚ୍ଛ କବିତା ମଞ୍ଜରୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ମୁଖ୍ୟବକ୍ତା ଡ ପତ୍ରୀ ବକ୍ତବ୍ୟ ରଖି ସରଳ ଶିଶୁ ମନକୁ ବୁଝିବାକୁ ହେଲେ ପ୍ରଥମେ ନିଜ ଭିତରେ ସରଳତାକୁ ଖୋଜିବାକୁ ହେବ ବୋଲି କହିଥିଲେ । କବିତା ମାଧ୍ୟମରେ ଶିଶୁଙ୍କୁ ଆକୃଷ୍ଟ କରିବା ଚ୍ୟାଲେଞ୍ଜଭରା ଓ ରୋମାଞ୍ଚକର ଅନୁଭବ ବୋଲି ସେ କହିଥିଲେ । ମୁଖ୍ୟଅତିଥି ନାଟ୍ୟଭୂଷଣ ଛୁରିଆ ତାଙ୍କ ଅଭିଭାଷଣରେ ଶିଶୁ ହିଁ ସରଳତା ଓ ଦେବତ୍ୱର ନିଛକ ପ୍ରତିଫଳନ ବୋଲି କହିଥିଲେ । ଶିଶୁଙ୍କ ପାଇଁ କବିତା ସୃଷ୍ଟି ବାସ୍ତବରେ ଏକ ଅଭିନବ ଅଭିଜ୍ଞତା ବୋଲି ସେ କହିଥିଲେ । ନିଜର ହଜିଲା ଶିଶୁପଣକୁ କବିତା ହିଁ ଅନୁଭବ କରାଇଥାଏ ବୋଲି ସେ କହିଥିଲେ । କବୟିତ୍ରୀ ପରିଚ୍ଛାଙ୍କ କବିତା ମଞ୍ଜରୀ ଉପରେ ସମୀକ୍ଷା କରି ଆଲୋଚକ ମଦନ ମୋହନ ରଥ ଏହା ଶିଶୁଙ୍କୁ ଗଭୀର ଭାବେ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ନିର୍ଝରିଣୀ ସାହିତ୍ୟ ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ଓ ଶିଶୁ ସାହିତ୍ୟିକା ସବିତା ଭୋଇ ପରିଚାଳନା କରିଥିଲେ । କବୟିତ୍ରୀ ପରିଚ୍ଛା ପୁସ୍ତକ ପ୍ରକାଶନ ଓ ତାଙ୍କ ଅନୁଭୂତି ସମ୍ପର୍କରେ କହିଥିଲେ । ସଭା ପ୍ରାରମ୍ଭରେ ହୃଷୀକେଶ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ବ୍ରଜବିହାରୀ ତ୍ରିପାଠୀ ବେଦ ପାଠ କରିଥିଲେ । ଉନ୍ମୋଚନ ସଭା ପରେ ଦ୍ୱିତୀୟ ପର୍ଯ୍ୟାୟରେ କବି ଅର୍ଜୁନ ସାହୁଙ୍କ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ କବି ସୁଦଣ୍ଡ ପ୍ରସାଦ ନନ୍ଦ, ସତ୍ୟାନନ୍ଦ ବିଶ୍ୱାଳ, ବିଶ୍ୱଜିତ ପଣ୍ଡା, ପ୍ରଭାତ ଖମାରୀ, ଅଚ୍ୟୁତାନନ୍ଦ ଉଦ୍‌ଗାତା, ବଳିଷ୍ଠ ପଧାନ, ଡ. ଅଶୋକ କୁମାର ସେଠୀ, ନେପାଳ ଚନ୍ଦ୍ର ବାଗ, କବିତା ମିଶ୍ର ଓ ବୃନ୍ଦାବନ କୁମ୍ଭାର ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ଗା ଚରଣ ସାହୁ, ପ୍ରଦୀପ ପଶାୟତ, ସୁନାଧର ବନଛୋର, ଚୁଡେନ୍ଦ୍ର କୁମାର ବେହେରା ଓ ରାହୁଲ ତାଣ୍ଡି ସହଯୋଗ କରିଥିଲେ। ଶେଷରେ ପ୍ରଦୀପ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ସାହିତ୍ୟ ପ୍ରେମୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।



ବଲାଙ୍ଗୀର ଲିଟେରାରୀ ଆଣ୍ଡ ସୋସିଏଲ କ୍ଲବ୍‌ରେ ଅତିଥିମାନେ କବିତା ମଞ୍ଜରୀ ଉନ୍ମୋଚନ କରୁଛନ୍ତି।



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ସଂକ୍ଷେପରେ

### ଜାମଟିକ୍ରାରେ ହରିଶ୍ଚନ୍ଦ୍ର ଯୋଜନା ଫେଲ

**ଜାମଟିକ୍ରା, ୨୧।୪ (ଡି.ଏନ.ଏ):** ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରାରେ ହରିଶ୍ଚନ୍ଦ୍ର ଯୋଜନା ଫେଲ ମାରିଥିବା ଅଭିଯୋଗ ହୋଇଛି । ଏହି ଯୋଜନାରେ ମୃତକଙ୍କ ପରିବାର ବର୍ଗଙ୍କୁ ଟଙ୍କା ମିଳୁନି । ଟଙ୍କା ପାଇଁ ବାରମ୍ବାର ପଞ୍ଚାୟତକୁ ଯାଇ ଲୋକେ ହତାଶ ହେଉଛନ୍ତି। ଏହି ଯୋଜନାରେ ଗରିବ ଲୋକଙ୍କୁ ଶବ ସତ୍କାର ପାଇଁ ୨ ହଜାର ଟଙ୍କା ଲେଖାଏଁ ତତକ୍ଷଣାତ୍ ପ୍ରଦାନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । ମାତ୍ର ଜାମଟିକ୍ରା ଗ୍ରାମରେ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ନ ଥିବା କହି ଗରିବ ଲୋକଙ୍କୁ ସହାୟତା ଦିଆଯାଉନି । ଗୋଟିଏ ବର୍ଷ ମଧ୍ୟରେ ଏହି ଗାଁର ପଞ୍ଚାନନ ପଧାନ, ନାଭ ପଧାନ, ବିରଞ୍ଚି କଠାର, ଶ୍ରୀମୁଖ ଦଲେଇ, ଜନ ରାଉତ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ସେମାନଙ୍କ ପରିବାର ବର୍ଗ ଏ ପର୍ଯ୍ୟନ୍ତ ଟଙ୍କାଟିଏ ମଧ ପାଇନାହାନ୍ତି । ଏ ସମ୍ପର୍କରେ ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଠଙ୍କୁ ପଚାରିବାରୁ ଏବେ ଟଙ୍କା ନାହିଁ, ଆସିଲେ ଦିଆଯିବ ବୋଲି କହିଥିଲେ ।

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ରେମୁଣା, ୨୧।୪(ଡି.ଏନ.ଏ.)** ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ସେରଗଡ଼ ଫାଣ୍ଡି ସମ୍ମୁଖରେ ରବିବାର ପୂର୍ବାହ୍ନ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ଚରମ୍ପା ନିକଟ ପଥରଆଡ଼ି ଗ୍ରାମର ମୁକ୍ତିକାନ୍ତ ସାମନ୍ତଙ୍କ ପୁଅ ସୌମ୍ୟରଞ୍ଜନ (୩୦)। ଶେରଗଡ଼ ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବାଲେଶ୍ୱର ସଦର ହସ୍‌ପିଟାଲକୁ ପଠାଇଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ସୌମ୍ୟରଞ୍ଜନ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ସାମନ୍ତ ନିଜ ବୁଲେଟ୍ (ନଂ.ଓଡ଼ି୨୨ଜେ-୯୨୨୨)ରେ ବାହାରିଥିଲେ। ଜାତୀୟ ରାଜପଥ ସେରଗଡ଼ ଟୋଲ୍‌ଗେଟ୍ ପୂର୍ବରୁ ଫାଣ୍ଡି ସମ୍ମୁଖରେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଟ୍ରେଲର୍ (ନଂ.ଏନ୍‌ଏଲ୍୦୧କ୍ୟୁ-୯୦୦୭) ତାଙ୍କୁ ପଛପଟରୁ ଧକ୍କା ଦେବାରୁ ସୌମ୍ୟରଞ୍ଜନ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଫାଣ୍ଡି ଅଧିକାରୀ ଉଭୟ ଟ୍ରେଲର ଓ ବାଇକ୍‌କୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ସଦର ହସ୍‌ପିଟାଲକୁ ପଠାଇଛି।

■ ଭଂଗା କୁରିଆରେ ବିତୁଛେ ବୁଢ଼ାବୁଢ଼ୀକର ଜୀବନ

# ପକାଘର ଖଁଡ଼େ ଆଶ୍‌ରେ ଭାଗୀରଥି ଆର ନୁର

**ଜାମଟିକ୍ରା, ୨୧।୪ (ଡି.ଏନ.ଏ)**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ଲାଗି ଯୋଜନା ଉପରେ ଯୋଜନା ତିଆର କରୁଛନ୍। ଭିନେ ଭିନେ ଯୋଜନାରେ ସରକାର ଫିବଛର କୋଟି କୋଟି ଟଁକା ସାରୁଛନ୍। ହେଲେ ବହୁତ୍ ଜାଗାରେ ସରକାରୀ ଅଧିକାରୀ, କରମଚାରୀକର ଉଦାସୀନତା ଲାଗି ପରକୁତ ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ଅତାବିରା ବ୍ଲକ ବୁଗବୁଗା ପଁଚେତ୍‌ର ଖଲିଆପାଲି କୁଡ଼ାପଡ଼ାରେ।

ସୂଚନା ଅନ୍‌ସାରେ କୁଡ଼ାପଡ଼ାର ଭାଗୀରଥି ରଣା(୮୦) ଆର ତାକର ମାଏକିନା ନୁର ରଣା(୭୨)। ଦୁଇ ବୁଢ଼ାବୁଢ଼ି ଜୀବନ୍‌ର ଶେଷ୍ ମୁଡ଼ସାକେ ପୁହୁଁଚିଥିଲା ବେଲେ ଅଭାବ୍ ଅନାଟନ ଲାଗି ଗୁଟେ ଭଂଗା ଦଦ୍‌ରା ମାଏଟ୍ କୁରିଆରେ ଜୀବନ୍ ବିତଉଛନ୍। ସେମାନର ୪ଟା ପୁଓ ଅଛନ୍, ହେଲେ ଅଧାରର ମା'ବାପ୍‌କେ କେହି ନାଇଁ ଗୁଚିରବାର। ଯେନ୍‌ଥିରଲାଗି ବୁଢ଼ାବୁଢ଼ି ନିଜର ଭାଏଗ୍‌କେ ଆଦ୍‌ରି ଭଂଗା



ନିଜର ଭଂଗା କୁରିଆରେ ଭାଗୀରଥି ଆର ନୁର ।

କୁରିଆରେ ଜୀବନ୍ ବିତଉଛନ୍। ସରକାରକଁର ତରଫୁ ମିଳୁଥିବାର ୧୦ କେ.ଜି. ଚାଉଲ ଆର ବୁଢ଼ାବୁଢ଼ି ଭତା ତାକର ସାହାଭରସା। ଏହେଦେ ଭାଗୀରଥି ଖଟେ ପଡ଼ିଥିଲାବେଲେ ନୁର ଆପନେର ସେବାଯତନ କରବାର ସଂଗେ ନିଜେ ବଁଚ୍‌ବାର ରାହା ଖୁଜୁଛନ୍। ହେଲେ ଦୁଇ ବୁଢ଼ାବୁଢ଼ି ସବୁପରକାର ସରକାରୀ ଯୋଜନାର ଲାଗି ହକ୍‌ଦାର ଥିଲେ ବି ଆଏଜ୍‌ତକ୍ ପକାଘର ଖଁଡ଼େ ପାଏବାରୁ ବଁଚିତ ହେଇ ରହିଛନ୍। ବୁଢ଼ାବୁଢ଼ି ରହୁଥିବାର ଘରର ଅବସ୍‌ତା ଏନ୍‌ତା ଯେ, ଖରା, ବର୍ଷା, ଶୀତ, କାକରରେ ଘରେ ଥିଲେ ଯେନ୍‌ତା ନାଇଁଥିଲେ ସେତା। ଇଆଡ଼େ ସରକାର ଏସିସିସି ତାଲିକାରେ ନାଁ ଥିବାର ଲୁକ୍‌କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକା ଘର ଯୁଗେଇ ଦେଉଛନ୍। ହେଲେ ତାଲିକାଟା ଏନ୍‌ତା ତିଆର ହେଇଛେ ଯେ, ବହୁତ୍ ଜାଗାରେ ଗୁଟେ ଘରର ୩ ଝନ୍‌କର ନାଁ ଥିଲାବେଲେ ନିହାତି ଗରିବ୍ ଆର ହକ୍‌ଦାର ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଛନ୍। ବୁଗବୁଗା ସରପଁଚ୍ ଆମର ଉପରେ କୁରପା କରି ସରକାରୀ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେଲେ ଆମେ ଧଏନ୍ ହେତୁଁ ବଲି ଦୁଇ ବୁଢ଼ାବୁଢ଼ି ଗଣମାଧ୍ୟମ ଆଘେ କହିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍ ପୁଷ୍ପକାନ୍ତି ସେଠକୁଁ ପଚରାଲାରୁ ସେମାନକୁ ପକାଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

# ବୌଦ୍ଧ ଜିଲା: ପଲିଥିନ ବ୍ୟବହାର ବନ୍ଦ ଧୂଆଁବାଣ

**ବୌଦ୍ଧ,୨୧।୪(ସ୍ୱ.ପ୍ର)**

ପଲିଥିନ ବ୍ୟବହାର ଯୋଗୁ ପରିବେଶ ଦୂଷିତ ହେଉଛି । ଏଥିପାଇଁ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ଗତ ମାର୍ଚ୍ଚ ପହିଲାରୁ ପଲିଥିନ ବନ୍ଦ ନେଇ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା । କିନ୍ତୁ ମାର୍ଚ୍ଚ ପହିଲା ଯାଇ ଏପ୍ରିଲ ୨୧ ହେଲାଣି ପ୍ରଶାନସକ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନାହିଁ ।

ଗତ ଫେବୃଆରୀ ମାସରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଜିଲା ପରିବେଶ ସମିତି ପକ୍ଷରୁ ଅନୁଷ୍ଠିତ ବୈଠକରେ ଏ ନେଇ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଉକ୍ତ ବୈଠକରେ ଜିଲାସ୍ତରୀୟ ପଦାଧିକାରୀମାନେ ଯୋଗ ଦେଇ ପଲିଥିନ ବ୍ୟବହାର ଦ୍ୱାରା ପରିବେଶ ଓ ଜନସମାଜ ପ୍ରତି ମାଡି ଆସୁଥିବା ବିପଦ ସମ୍ପର୍କରେ ଅବଗତ କରିଥିଲେ । ଜିଲାରେ ୫୦ ମାଇକ୍ରୋନଠାରୁ କମ୍ ମୋଟେଇର ପ୍ଲାଷ୍ଟିକ ବ୍ୟାଗ ବ୍ୟବହାରକାରୀ କିମ୍ବା ଗଚ୍ଛିତକାରୀଙ୍କଠାରୁ ଜରିମାନା ଆଦାୟ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ସେହିପରି ନିଷିଦ୍ଧ ପଲିଥିନ ବ୍ୟବହାରକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଏନଏସି ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଓ ବନ ବିଭାଗର ମିଳିତ ସ୍କ୍ୱାଡ୍ ଗଠନ କରାଯାଇଥିଲା । ଜିଲାରେ ପଲିଥିନ ବ୍ୟବହାର ବନ୍ଦ ନେଇ ମଧ୍ୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ମାତ୍ର ଏହି କାର୍ଯ୍ୟକ୍ରମ ଏବେ ଶିଥିଳ ହୋଇ ପଡିଛି । ଜିଲାରେ ଖୋଲାରେ ପଣିଥିନ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରିନାହିଁ ।

■ ୧୨୨ତମ ଏକାମ୍ର ପଦଯାତ୍ରା

# ଏକାମ୍ର କ୍ଷେତ୍ର ବିଷୟରେ ଜାଣିଲେ ଚାଇନା, ନରୱେ ପର୍ଯ୍ୟଟକ

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

ପୁରୁଣା ଭୁବନେଶ୍ୱରରେ ରବିବାର ୧୨୨ତମ ଏକାମ୍ର ପଦଯାତ୍ରା ଆୟୋଜିତ ହୋଇଯାଇଛି। ଏଥିରେ ଚାଇନା ଏବଂ ନରୱେର କେତେଜଣ ପର୍ଯ୍ୟଟକ, ଗବେଷକ, ସ୍ଥପତି ଯୋଗଦେଇ ଏଠାକାର ଐତିହ୍ୟ, ପରମ୍ପରା ଓ ସଂସ୍କୃତି ବିଷୟରେ ଅବଗତ ହୋଇଥିଲେ। ଏହି ଅବସରରେ ସତ୍ୟସ୍ୱରୂପ ମିଶ୍ର ସେମାନଙ୍କୁ ଏକାମ୍ର କ୍ଷେତ୍ରରେ ଏଏସ୍‌ଆଇ ଦ୍ୱାରା ସଂରକ୍ଷିତ ଐତିହ୍ୟ କୀର୍ତ୍ତିରାଜିଗୁଡ଼ିକ ସମ୍ପର୍କରେ କହିଥିଲେ। ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ କିପରି ଏହି ମନ୍ଦିରଗୁଡ଼ିକ ଗଢ଼ିଉଠିଥିଲା, ତାହା ସେମାନଙ୍କୁ ଜଣାଇଥିଲେ। ଏଥିସହିତ ବହୁ ପୁରାତନ ମନ୍ଦିରର ଗାଥା, ସ୍ୱାତନ୍ତ୍ରତା, ଏକାମ୍ର କ୍ଷେତ୍ରର ମାହାତ୍ମ୍ୟ ବିଷୟରେ ପର୍ଯ୍ୟଟକମାନେ ଅବଗତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥପତି ଆଦିତ୍ୟ ଅଗ୍ରୱାଲ, ନରୱେରୁ ଆସିଥିବା ପର୍ଯ୍ୟଟକ ଏଲାଇସ୍ ଓ ଚାଇନାରୁ ଆସିଥିବା ଗବେଷକ ଫେଙ୍ଗ୍‌ୱେନ ଲିନ୍ କହିଥିଲେ, ଏକାମ୍ର କ୍ଷେତ୍ର ବିଷୟରେ ଜାଣି ବହୁତ ଖୁସି ଲାଗିଲା। କୀର୍ତ୍ତିରାଜିଗୁଡ଼ିକର ନିର୍ମାଣଶୈଳୀ, ଢାଞ୍ଚା ଓ ସ୍ଥାପତ୍ୟଗୁଡ଼ିକ ବେଶ୍ ଆକର୍ଷଣୀୟ। ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ଆଜି ବି ଏଥିରେ ସାଇତି ରଖାଯାଇଛି। ଏହାର କାହାଣୀ ଶୁଣିବାକୁ ଓ ଦେଖିବାକୁ ଆଗ୍ରହ ପ୍ରକାଶ ପାଉଛି। ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କ ଓଡ଼ିଶୀ ନୃତ୍ୟ କଳା ବି ବହୁତ ଭଲ ଲାଗିଲା। ଓଡ଼ିଶୀ ଡ୍ୟାନ୍ସ ଏକାଡ଼େମୀରେ ନୃତ୍ୟ ଦେଖିବାର ସୁଯୋଗ ପାଇଲୁ, ଯାହାକି ବହୁତ ମନୋରମ ଥିଲା ବୋଲି ସେମାନେ କହିଥିଲେ। ସେପଟେ ୨୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ '୭୦ତମ ହେରିଟେଜ୍ ଟ୍ରେଲ୍'ର ମଜାନେଇଛନ୍ତି। ପ୍ରଥମଥର ଲାଗି ଟ୍ରେଲ୍‌ରେ ସଙ୍ଗୀତ ଓ ନୃତ୍ୟର ଯୁଗଳବନ୍ଦୀ ଦେଖିବାକୁ ମିଳିଥିଲା। ତବଲା ବାଦକ ସୁଶାନ୍ତ ଓ ନୃତ୍ୟଶିଳ୍ପୀ ଶଶିକାନ୍ତଙ୍କ 'ଭାବନୀ ଦୟାନୀ' ଆକ୍ଟକୁ ପର୍ଯ୍ୟଟକ ମନଭରି ଉପଭୋଗ କରିଥିଲେ। ଏହାବ୍ୟତୀତ ଖଣ୍ଡଗିରି, ଉଦୟଗିରି ଗୁମ୍ଫାର ଇତିହାସ ଏବଂ କଳିଙ୍ଗ ସାମ୍ରାଜ୍ୟର ଗାଥା ବିଷୟରେ ମଧ ସେମାନେ ଜାଣିବାକୁ ପାଇଥିଲେ।

■ ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଭୂଦାନ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସଦାଶିବ

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

ଜଣେ ନିରଳସ ଅମାୟିକ ଜନସେବୀ, ଛାତ୍ରବତ୍ସଳ ଶିକ୍ଷକ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ସଦାଶିବ ତ୍ରିପାଠୀ ପ୍ରସିଦ୍ଧି ଅର୍ଜନ କରିଥିଲେ। ମୁଖ୍ୟମନ୍ତ୍ରୀ ହିସାବରେ ତାଙ୍କର ସ୍ୱଚ୍ଛ ବିଚାରଧାରା ଓ କାର୍ଯ୍ୟକ୍ରମ ଅନୁରୂପ ଭାବେ ତାଙ୍କୁ ସ୍ମରଣୀୟ କରି ରଖିଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବକ୍ତାମାନେ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରି ଏହା କହିଥିଲେ। ରବିବାର ସୂଚନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକି ଓ ବରଦା ପ୍ରସନ୍ନ ଦାସ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସନ୍ତୋଷ କୁମାର ଦାସ, ଶବରୀ ସାଂସ୍କୃତିକ ସଂସଦ ସମ୍ପାଦକ ସୁବାସ ଚନ୍ଦ୍ର ହୋତା ଓ କୋଷାଧ୍ୟକ୍ଷ ଯଶୋବନ୍ତ କୁମାର ଜୈନଙ୍କ ସହ ଅନ୍ୟାନ୍ୟ ପଦାଧିକାରୀବୃନ୍ଦ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଅବିଭକ୍ତ କୋରାପୁଟ ଜିଲାରେ ଜନ୍ମିତ ସ୍ୱର୍ଗତ ସଦାଶିବ ତ୍ରିପାଠୀ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି କାରାବରଣ କରିଥିଲେ। ମୁଖ୍ୟମନ୍ତ୍ରିତ୍ୱ କାଳରେ ଜମିଦାରୀ ଓ ଗୋତିପ୍ରଥା ବିଲୋପ ଏବଂ ରାଜସ୍ୱ ସଂସ୍କାର ନିମନ୍ତେ ତାଙ୍କ ଅବଦାନ ଅବିସ୍ମରଣୀୟ। ଗ୍ରାମୀଣ ତଥା ଜନଜାତିଙ୍କ ମଧ୍ୟରେ ରାଜନୈତିକ ଚେତନାକୁ ସଶକ୍ତ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭୂଦାନ ଓ ସର୍ବୋଦୟ ଆନ୍ଦୋଳନରେ ତାଙ୍କର ସକ୍ରିୟ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଥିଲା। ଜଣେ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିସମ୍ପନ୍ନ ରାଜନେତା ଭାବରେ ସେ ଚିରସ୍ମରଣୀୟ ରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ହସ୍‌ପିଟାଲ୍ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଉପନିର୍ଦ୍ଦେଶକ ବାରିକି, ସହକାରୀ ନିର୍ଦ୍ଦେଶକ ଦାସ, ସହକାରୀ ସୂଚନା ଅଧିକାରୀ ସୁଜିତ କୁମାର ସ୍ୱାଇଁ ଓ ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତା ମାଲ୍ୟାର୍ପଣ କରିଥିଲେ।

# ନାସାର ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ,୨୧।୪**

**ମହାକାଶ ସମ୍ବନ୍ଧୀୟ ଆନ୍ତର୍ଜାତିକ ପ୍ରବନ୍ଧ ପ୍ରତିଯୋଗିତାରେ ଅନୁଷ୍କା ବିଜୟୀ**

ବାଲେଶ୍ୱର ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲର ୧୩ଜଣ ଛାତ୍ରୀଛାତ୍ର ଆମେରିକା କେନେଡ଼ି ସ୍ପେଶ୍ ସେଣ୍ଟର ନାସାରେ ଆୟୋଜିତ ଅନ୍ତର୍ଜାତିକ ଅନ୍ତରୀକ୍ଷ ବିଜ୍ଞାନ ସମ୍ମିଳନୀରେ ଗତ ଏପ୍ରିଲ ୧୩, ୧୪ ଓ ୧୫ତାରିଖରେ ଯୋଗଦେଇଥିଲେ । ମହାକାଶ ସମ୍ବନ୍ଧୀୟ ଅନ୍ତର୍ଜାତିକ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ ନବମ ଶ୍ରେଣୀର ଛାତ୍ରୀ ଅନୁଷ୍କା ରାୟ ବିଜୟୀ ହୋଇଛନ୍ତି । ଏହି ସଫଳତା କେବଳ ଜିଲା ପାଇଁ ନୁହେଁ ରାଜ୍ୟ ତଥା ଦେଶ ପାଇଁ ଗୌରବ ବୋଲି ରବିବାର ଅପରାହ୍ନ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଅଧକ୍ଷା ଡ. ସିଷ୍ଟର କ୍ରିପା କହିଛନ୍ତି । ଛାତ୍ରୀଛାତ୍ରମାନେ ନାସା ପରିଦର୍ଶନ କରି ମହାକାଶଚାରୀ ଡ. ୱିନ୍‌ସ୍‌ଟନ୍ ସ୍କଟ, ଫ୍ଲୋରିଡ଼ା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ନିର୍ଦ୍ଦେଶକ ଡ. ନାଥାଲିୟନ୍ ମିଲର ଓ ଅନ୍ୟାନ୍ୟ ବୈଜ୍ଞାନିକଙ୍କ ସହିତ ସାକ୍ଷାତ୍ କରି ବିଭିନ୍ନ ବିଷୟରେ ଜ୍ଞାନ ଅର୍ଜନ କରିଥିବା ପ୍ରକାଶ କରିଛନ୍ତି । ନବମ ଶ୍ରେଣୀର ଛାତ୍ରୀ ଅନୁଷ୍କା ରାୟ ମହାକାଶ ସମ୍ବନ୍ଧୀୟ ଅନ୍ତର୍ଜାତିକ ପ୍ରବନ୍ଧ ପ୍ରତିଯୋଗିତାରେ ବିଜେତା ଘୋଷିତ ହୋଇ ୧୦ହଜାର ଡଲାର ବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟର ସୁସ୍ଥ ପରିବେଶ, ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ଉତ୍ତମ ଶିକ୍ଷାଦାନ ଏବଂ ଅନୁଶାସନ ଛାତ୍ରୀଛାତ୍ରମାନଙ୍କୁ ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇଥାଏ ବୋଲି ଅଭିଭାବକମାନେ ମତ ରଖିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷୟିତ୍ରୀ ମମତା ଦାସ ଉପସ୍ଥିତ ଥିଲେ । ଏକାଦଶ ଶ୍ରେଣୀ ଛାତ୍ର କ୍ରୀଷ୍ଣା ବେହେରା, ଆୟୁଷ ଖଣ୍ଡେଲୱାଲ, ଦଶମ ଶ୍ରେଣୀ ଛାତ୍ରୀ ଦୀକ୍ଷା ଗୁପ୍ତା, ଆଦିତି ବିଶ୍ୱାଳ, ଛାତ୍ର ରାଘବ ଖଣ୍ଡେଲୱାଲ, ହାର୍ଦ୍ଦିକ ମହାପାତ୍ର, ସୌମ୍ୟଦର୍ଶନ କମିଲା, ନବମ ଶ୍ରେଣୀ ଛାତ୍ରୀ ଶିବାଙ୍ଗୀ ଶାହା, ଛାତ୍ର ରୁଦ୍ର ଗୁପ୍ତା, ଛାତ୍ର କ୍ରୀଶୟ ଅଗ୍ରୱାଲ, ନିଲାଞ୍ଜନ ଜେନା, ଅଷ୍ଟମ ଶ୍ରେଣୀ ଛାତ୍ରୀ ବନଜା ବନଶ୍ରୀ ଉପସ୍ଥିତ ରହି ନିଜ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ ।



ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ନାସାରୁ ଫେରିଥିବା ଛାତ୍ରୀଛାତ୍ର ।



ବୁଢାରଜା ଓ କ୍ଷେତ୍ରପାଳ ଛତ୍ର ଭାବେ ପୂଜା ପାଉଛନ୍ତି ।



ବନ ବିହାର ଯାତ୍ରା ଦେଖିବା ପାଇଁ ଭକ୍ତମାନଙ୍କ ଭିଡ ଲାଗିଛି ।

■ ବୁଢାରଜାଙ୍କ ବନବିହାର ଯାତ୍ରା ସମ୍ପନ୍ନ

# ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ କଲେ ଦେବୀଦେବ

**ଭେଡ଼େନ,୨୧।୪(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନ କେନ୍ଦ୍ର ପପଙ୍ଗା ପାହାଡ଼ରେ ଧର୍ମ ପରମ୍ପରା ତଥା ସଂସ୍କୃତିର ପ୍ରତୀକ ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ବୁଢାରଜା ଏବଂ ଦେବୀ କ୍ଷେତ୍ରପାଳଙ୍କ ବାର୍ଷିକ ବନବିହାର ଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ପରମ୍ପରାକ୍ରମେ ଚୈତ୍ର ଦଶମୀରୁ ପ୍ରଭୁ ବୁଢାରଜା ଛତ୍ର ଭାବେ ଉଭା ହୋଇ କଦଳୀପାଲି, ଗିଝେଇପାଲି, ଗଣ୍ଡିଆପାଲି, ଘିଚାପାଲି ଓ ବାଞ୍ଜିପାଲି ଆଦି ଗ୍ରାମ ପରିକ୍ରମା କରି ପୂର୍ଣ୍ଣମୀ ଦିନ ମନ୍ଦିର ପ୍ରବେଶ କରିଥିଲେ । ସେହିପରି ଦେବୀ କ୍ଷେତ୍ରପାଳ ମଧ ଦଶମୀରେ ରୁଷୁଡ଼ାରୁ ଛତ୍ର ଭାବେ ଆବିର୍ଭାବ ହୋଇ କେନ୍ଦପାଲି, ବଘିଆପାଲି, ଘିଚାପାଲି ଆଦି ବାରଗ୍ରାମ ପରିକ୍ରମା କରି ରବିବାର ମଧ୍ୟାହ୍ନରେ ପପଙ୍ଗାରେ ପହଞ୍ଚିଥିଲେ । ସେଠାରେ ବୁଢାରଜାଙ୍କ ପୂଜକ ଭବାନୀ ଦେହେରୀ ପାଣିଢାଳ ପ୍ରଦାନ କରି ଦେବୀଙ୍କୁ ବାଟବରଣି କରି ମନ୍ଦିରକୁ ପାଛୋଟି ନେଇଥିଲେ। ଏହାପରେ ସେଠାରେ ଉଭୟଙ୍କ ସ୍ୱତନ୍ତ୍ର ପୂଜା ତଥା ଗଣ୍ଠଲାଯୋଡ଼ ହୋଇ ପପଙ୍ଗା ପାହାଡ଼ ଉପରେ ଥିବା ବୁଢ଼ାରଜାଙ୍କ ଆସ୍ଥାନ ପର୍ଯ୍ୟନ୍ତ ବନବିହାର ପାଇଁ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଓହ୍ଲାଇ ପଧାନପାଲିରେ ବିଦାୟକାଳୀନ ପୂଜା ପରେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଏହି ଯାତ୍ରା ଦେଖିବାକୁ ପପଙ୍ଗା ବୁଢ଼ାରଜା ମନ୍ଦିର ତଥା ପାହାଡ଼ରେ ସମାଗମ ହୋଇଥିଲେ। ପାହାଡ଼ ପାଦଦେଶରେ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଥିଲା। ଏଥିରେ ଲକ୍ଷ୍ମୀନାରାୟଣ ହୋତା, ସାନନ୍ଦ କରନ, କହ୍ନେୟା କୈବର୍ତ୍ତ ପ୍ରମୁଖ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ସାଗର ମହାକୁର, ବ୍ରହ୍ମାନନ୍ଦ ମହାକୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁ, ସମିତି ସଭ୍ୟ ମନୋଜ ପଧାନ ତଥା ଅଞ୍ଚଳର ଯୁବ ଗୋଷ୍ଠୀଙ୍କ ତତ୍ତ୍ୱାବଧାନରେ ଏହିଯାତ୍ରା ସମ୍ପନ୍ନ ହୋଇଛି ।



ଏ ସାରା ସଂସାରର ଗୁରୁ କେବଳ ଜଗନ୍ନାଥ ଅଟନ୍ତି। ଦ୍ୱିତୀୟ ଗୁରୁ କେହି ନାହାନ୍ତି।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନୂଆପଡା ଅଫିସ,୨୧।୪

ସ୍ଥାନୀୟ ଜୋଙ୍କ ଥାନା ଅନ୍ତର୍ଗତ ବୁଏରଭାଡି ଗାଁର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମୁକୁନ୍ଦ ପାଣ୍ଡେ(୩୨)ନାମକ ଜନୈକ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହାକୁ ନେଇ ଖରିଆରରୋଡ ଜୋଙ୍କ ଥାନା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୁକୁନ୍ଦ କିଛି ଦିନ ହେଲା ମାନସିକ ଭାରସାମ୍ୟ ହରାଇ ଏଣେତେଣେ ଘୁରି ବୁଲୁଥିଲେ। ଗାଁ ନିକଟସ୍ଥ ଏକ ଗଛରେ ମୃତଦେହ ଝୁଲୁଥିବାର ଦେଖି ପରିବାର ଲୋକେ ଥାନାକୁ ଖବର ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ତଦନ୍ତ ଜାରି ରଖିଛି।

### ମହୁମାଛି ପୋଲିସକୁ ନାକେଦମ କଲା

ନୂଆପଡା ଅଫିସ, ୨୧।୪

ଏହି ଜିଲା ଭଏଁଷାଟାଲ ଗ୍ରାମପଞ୍ଚାୟତର ଭଣ୍ଡାରପୁରୀ ଗାଁରେ କାଳବୈଶାଖୀ ତାଣ୍ଡବରେ ଗଛପଡି କାନ୍ଥ ଭୁଶୁଡି ପଡିବାରୁ ମା'ଝିଅଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଠୁଳ ହୋଇଥିବା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କୁ ଗଛରେ ଥିବା ମହୁମାଛି ଦଳ ନାକେଦମ କରିଥିଲା। ମହୁମାଛି ଆକ୍ରମଣରେ କେତେଜଣ କର୍ମଚାରୀ ଆହତ ହୋଇଥିଲେ। ସେମାନେ ବହୁ ମୁସ୍କିଲରେ ଉଦ୍ଧାର କାର୍ଯ୍ୟ କରିପାରିଥିବା ପ୍ରକାଶ। ଗାଁ ମଝିରେ ଥିବା ଏହି ପିପଲ ଗଛରେ ୮/୧୦ଟି ମହୁଫେଣା ବହୁ ଦିନ ଧରି ରହିଥିଲା।

### ପ୍ଲେ ବଏ ଫ୍ଲଡଲାଇଟ କ୍ରିକେଟ ଟୁର୍ନାମେଣ୍ଟ

ନୂଆପଡା ଅଫିସ, ୨୧।୪

ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ପ୍ଲେ ବଏ ଫ୍ଲଡଲାଇଟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ରାତ୍ରିରେ ଦୁଇଟି ଭିନ୍ନ ଭିନ୍ନ ମ୍ୟାଚରେ ରାୟପୁର ଏବଂ କଟକ ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଖଡିଆଳ ଏବଂ ରାୟପୁର ମଧ୍ୟରେ ମୁକାବିଲା ହୋଇଥିଲା । ଏଥିରେ ରାୟପୁର ଦଳ ପ୍ରଥମ ବ୍ୟାଟିଂ କରି ୪ ଉଇକେଟରେ ୧୩୫ ରନ କରିଥିଲେ। ଜବାବରେ ଖଡିଆଳ ଦଳ ୯ ଉଇକେଟ ହରାଇ ମାତ୍ର ୪୬ ରନ କରିପାରିଥିଲା। ଏହିଭଳି ଦ୍ୱିତୀୟ ମ୍ୟାଚରେ କଟକ ଦଳ ୧୦ ଓଭରରେ ୧୦୩ ରନ କରିଥିବାବେଳେ କନ୍ଧମାଳ ଦଳ ମାତ୍ର ୪୮ରନରେ ସୀମିତ ରହିଥିଲା । ତେବେ କଟକ ଦଳ ୫୪ରନରେ ବିଜୟୀ ହୋଇଥିଲା । ଏହି ଦିନର ମ୍ୟାଚରେ ଯଦୁମଣୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ଶଙ୍କର ଲାଲ ଜୈନ, ନରେନ୍ଦ୍ର ମିଶ୍ର, ରାଜେନ୍ଦ୍ର ବଢ଼େଇ, ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆୟୋଜକ ପୂଜା ଫର୍ନିଚର, ସିଦ୍ଧିବିନାୟକ ଟାଇଲ୍ସ, ଶ୍ରୀରାମ ଅଟୋ ମୋବାଇଲସର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।





ବାଲିଶଙ୍କରାରେ ଗଛପଡ଼ି ରାସ୍ତା ଅବରୋଧ ହୋଇଛି (ବାମ)। ବଡ଼ଗାଁରେ କୁଆପଥର ବୃଷ୍ଟି ହୋଇଛି।

# କାଳବୈଶାଖୀ ସାଙ୍ଗକୁ ବର୍ଷା, କୁଆପଥର ମାଡ଼

କୁତ୍ରା/ବଡ଼ଗାଁ/ବାଲିଶଙ୍କରା, ୨୧।୪ (ଡି.ଏନ.ଏ):

ସୁନ୍ଦରଗଡ ଜିଲା କୁତ୍ରା, ବଡ଼ଗାଁ, ବାଲିଶଙ୍କରା ବ୍ଲକରେ କାଳବୈଶାଖି ପ୍ରଭାବରେ ଝଡ଼ତୋଫାନ ହୋଇଛି। ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗଛପଡ଼ି ରାସ୍ତା ଅବରୋଧ ହେବା ସହ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। କୁତ୍ରା ବ୍ଲକର ବିଭିନ୍ନ ଅଞ୍ଚଳରେ ପରିବା ଓ ଫଳ ଚାଷ କ୍ଷତି ହୋଇଛି। କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଚାପରେ ରହୁଥିବା ଜଣାପଡିଛି। ଗତ କିଛିଦିନ ହେବ କୁତ୍ରା ବ୍ଲକର କୁତ୍ରା ବିରିଙ୍ଗାଟୋଲି, ତେଲିଘଣା, ଖୁଟୁମୁଣ୍ଡା, କର୍ମାବାହାଲ, ଲତାଲଗା, ସିଆଲଯୋର, ପଞ୍ଚରା, ବଡମାଲ, ଆମ୍ବଗୋରା ପ୍ରଭୃତି ଅଞ୍ଚଳରେ କାଳବୈଶାଖୀ ସାଙ୍ଗକୁ ବର୍ଷା ଲାଗିରହିଛି। ରବିବାର ଅପରାହ୍ନ ୧ଟା ପରେ କାଳବୈଶାଖୀ ଯୋଗୁ ପ୍ରବଳ ବେଗରେ ପବନ ବୋହିଥିଲା। ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ବୃଷ୍ଟି ହୋଇଥିଲା। ଏହି ଅଞ୍ଚଳରେ ବିଲାତି, ଭେଣ୍ଡି, ଗୁଆଁସେମି ଭଳି ବିଭିନ୍ନ ପନିପରିବାରେ ପ୍ରବଳ କ୍ଷତି ହୋଇଛି। ପରିବା ଗଛଗୁଡିକ ଭାଙ୍ଗି ପଡିଥିଲା। କୁଆପଥର ମାଡରେ ଟମାଟୋଗୁଡିକ ଫାଟି ଯାଇଥିବାରୁ ଚାଷୀଙ୍କର ବହୁପରିମାଣର କ୍ଷତି ହୋଇଛି। ଧାନ ଚାଷରେ ବହୁଳ ଭାବେ କ୍ଷତି ସହିଥିବା ଚାଷୀ ଧାରକରଜ କରି ପରିବା ଚାଷ କରିଥିଲେ। ଧାନ ଚାଷରେ ହୋଇଥିବା କ୍ଷତିକୁ ଭରଣ କରିବା ପାଇଁ ପ୍ରୟାସ କରୁଥିବାବେଳେ କାଳବୈଶାଖୀ ସାଙ୍ଗକୁ ବର୍ଷା ଓ କୁଆପଥର ବୃଷ୍ଟି ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହାଛଡା ଆମ୍ବଚାଷ କରିଥିବା ଚାଷୀ ମଧ୍ୟ କ୍ଷତି ସହିଥିବା ଦେଖିବାକୁ ମିଳିଛି। ଯୋରରେ ପବନ ବୋହିବାରୁ ଆମ୍ବଗଛରେ ଧରିଥିବା ଫୁଲ ଓ ଫଳ ଝଡି ପଡିଛି। ଆମ୍ବ ଝଡିଯିବାରୁ ଚାଷୀଙ୍କୁ ନାହିଁ ନ ଥିବା କ୍ଷତି ସହିବାକୁ ପଡିଛି।

### ବଡ଼ଗାଁରେ ଝଡ଼ବର୍ଷା, କୁଆପଥର ମାଡ଼

ବଡଗାଁରେ ରବିବାର କୁଆପଥର ମାଡ ସହ ଝଡବର୍ଷା ହୋଇଛି। ଅଢ଼େଇ ଟାବେଳେ କଳାହାଣ୍ଡିଆ ମେଘ ଆସିଥିଲା। ବିଜୁଳି ସହ ପବନ ବହିଥିଲାବେଳେ କୁଆପଥର ମାଡ ହୋଇଥିଲା। ଫଳରେ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ବର୍ଷା ଯୋଗୁ ରାମଲୀଲା ଯାତ୍ରା ପଡିଆରେ ପାଣି ଜମିଥିଲା।

### ବାଲିଶଙ୍କରାରେ ଗଛଭାଙ୍ଗି ରାସ୍ତା ଜାମ

ବାଲିଶଙ୍କରା ବ୍ଲକର ଅନେକ ଜାଗାରେ ପ୍ରବଳ ବେଗରେ ପବନ ବୋହିବା ସହିତ ଘଡ ଘଡି ବର୍ଷା କୁଆପଥର ମାଡ ହୋଇଛି। ପ୍ରବଳ ପବନ ଯୋଗୁ ଅନେକ ରାସ୍ତାକଡରେ ଥିବା ଗଛ ଭାଙ୍ଗି ରାସ୍ତା ଉପରେ ପଡିବାରୁ ଘଣ୍ଟାଏ କାଳ ରାଜ୍ୟପଥ ରାସ୍ତାଜାମ ହୋଇଯାଇଥିଲା। ପରେ ବାଲିଶଙ୍କରା ରାମଜାନକୀ କମିଟିର କର୍ମକର୍ତ୍ତାମାନେ ଗଛକୁ କାଟି ସଫାକଲା ପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି କୁରାଇ ପଞ୍ଚାୟତର ଅନେକ ହିତାଧିକାରୀଙ୍କ ଆଜବେଷ୍ଟର ଉଡିଯାଇଥିବା ଜଣାପଡିଛି। ହିତାଧିକାରୀଙ୍କ କ୍ଷୟକ୍ଷତି ଆକଳନ କରି ସହାୟତା ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନୂଆପଡ଼ା ଜିଲାରେ ପ୍ରବଳ ଝଡ଼ବର୍ଷାର ପ୍ରଭାବ

# ରବିଚାଷ ନଷ୍ଟ: ଭାଙ୍ଗି ପଡିଛି ବିଜୁଳି ଖମ୍ବ

ନୂଆପଡା ଅଫିସ,୨୧।୪

ଆଜିକୁ ତିନି ଦିନ ହେବ ଜିଲାବ୍ୟାପି ଭିନ୍ନ ଭିନ୍ନ ଜାଗାରେ କାଳବୈଶାଖି ପ୍ରଭାବରେ ପ୍ରବଳ ଝଡ ସହ କୁଆପଥର ମାଡ଼ ହେଉଥିବାରୁ ରବିଚାଷ ନଷ୍ଟ ସହ ବିଜୁଳି ବିଭ୍ରାଟ ଦେଖାଦେଇଛି। ଖବର ଅନୁଯାୟୀ ଶୁକ୍ରବାର ଓ ଶନିବାର କୋମନା, ନୂଆପଡା ବ୍ଲକରେ ଝଡ ସହ ବର୍ଷା ହୋଇଥିଲା। ଏଥିରେ କୋମନା ବ୍ଲକର ଜଡାମୁଣ୍ଡା ଡ୍ୟାମ ଅଞ୍ଚଳରେ ହୋଇଥିବା ରବିଚାଷ ପ୍ରଭାବିତ ହୋଇଥିଲା। ଏଥିରେ ମୁଗବିରି, ସୂର୍ଯ୍ୟମୁଖୀ, ଧାନ ଚାଷ ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ଏହିଭଳି ନୂଆପଡା ବ୍ଲକର ଖରିଆରରୋଡ ଅଞ୍ଚଳରେ ପ୍ରବଳ ଝଡ ଯୋଗୁ ବହୁ ସଂଖ୍ୟାରେ ବିଜୁଳି ଖମ୍ବ ଭାଙ୍ଗି ପଡିଛି। ହଳଦୀ ଗାଁରେ ଝଡରେ ବିଜୁଳି ଖମ୍ବ, ବଡବଡ ଗଛ ଭାଙ୍ଗି ପଡିବାରୁ କେତେଗୋଟି ଘର ଭାଙ୍ଗି ପଡିଥିବା ଗାଁର ରାଧେ ତାଣ୍ଡି କହିଛନ୍ତି। ଖରିଆରରୋଡର ଚାଳ ମୁଣ୍ଡାରେ ୬/୭ଟି ବିଜୁଳି ଖମ୍ବ ଭାଙ୍ଗି ପଡିଥିବାରୁ ସ୍ଥାନୀୟ ଗାଁଗୁଡିକୁ ବିଜୁଳି ସଂଯୋଗ ବିଚ୍ଛିନ୍ନ ହୋଇପଡିଛି। ଉଦାହରଣ ଭାବେ ସ୍ଥାନୀୟ ଆମସେନାସ୍ଥିତ ଗୁରୁକୁଳ ଆଶ୍ରମରେ ୫ଶହରୁ ଉର୍ଦ୍ଧ୍ୱ ବ୍ରହ୍ମଚାରୀ ରହୁଥିବାରୁ ୨ଦିନ ହେବ ବିଜୁଳି ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଆଶ୍ରମ ମୁଖ୍ୟ ବ୍ରତାନନ୍ଦ ସରସ୍ୱତୀ କହିଛନ୍ତି। ଏହା ଉପରେ ବିଜୁଳି ବିଭାଗ ତନାଘନା ଉଦ୍ୟମ ଜାରି ରଖିଥିଲେ ମଧ୍ୟ ଠିକ କରିପାରୁ ନ ଥିବା ଦେଖାଯାଇଛି। ରବିବାର ସକାଳେ କୋମନା ଅଞ୍ଚଳରେ ପ୍ରବଳ କୁଆପଥର ମାଡ଼ ହୋଇଥିବାରୁ ଲୋକେ ଭୟଭୀତ ହୋଇପଡିଥିଲେ। ଗୋରୁ ଗାଈ କି ଲୋକେ ଘରୁ ବାହାରି ନ ଥିଲେ।



କାଳବୈଶାଖୀରେ ହଳଦୀ ଗାଁରେ ଭାଙ୍ଗି ପଡିଥିବା ଗଛ।

# ସରିଲା ନିର୍ବାଚନ: ଏବେ ହାରଜିତକୁ ନେଇ ଚର୍ଚ୍ଚା

ସୁନ୍ଦରଗଡ଼, ୨୧।୪ (ଡି.ଏନ୍.ଏ)

ସରିଛି ନିର୍ବାଚନ। ଇଭିଏମ୍‌ରେ ସିଲ୍ ହୋଇଯାଇଛି ନେତାଙ୍କ ଭାଗ୍ୟ। ମେ ୨୩ ତାରିଖରେ ଫଳାଫଳ ପ୍ରକାଶ ପାଇବ। ଭୋଟ ପାଇଁ ଯେଉଁ ସହରଠୁ ଗାଁ ପର୍ଯ୍ୟନ୍ତ ନେତାଙ୍କ ଗହଳି ଆଉ ଦେଖିବାକୁ ମିଳୁନାହିଁ। ପାଞ୍ଚବର୍ଷକୁ ଥରେ ଗାଁ ଦାଣ୍ଡରେ ପାଦପଡିଥିବା ନେତାମନ୍ତ୍ରୀଙ୍କର ଲମ୍ବା ପ୍ରତିଶ୍ରୁତି, ଭୋଜିଭାତରେ ଉଛୁଳି ଉଠୁଥିବା ନିର୍ବାଚନର ବାତାବରଣକୁ ଆହୁରି ସରଗରମ କରିଥିଲା ବିଭିନ୍ନ ଦଳ ଓ ପ୍ରାର୍ଥୀଙ୍କ ଭୋଟ କିଣାବିକା ପ୍ରସଙ୍ଗ। ବର୍ତ୍ତମାନ କେଉଁ ପ୍ରାର୍ଥୀ ଜିତିବେ ସେ ନେଇ ଚର୍ଚ୍ଚା ହେଉଛି। କେତେକ ସ୍ଥାନରେ ହାରଜିତକୁନେଇ ବେଟିଂ ଚାଲୁଛି। ନିର୍ବାଚନ କମିଶନରଙ୍କ ପକ୍ଷରୁ ପ୍ରାର୍ଥୀଙ୍କ ଖର୍ଚ୍ଚ ଉପରେ କଟକଣା ରହିଥିବାରୁ ଅଧିକାଂଶ ପ୍ରାର୍ଥୀ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଆଖିରେ ଧୂଳିଦେଇ ଭୋଟ ହାତେଇବା ପାଇଁ ନିର୍ଦ୍ଧାରିତ ଖର୍ଚ୍ଚଠାରୁ ଅଧିକ ପରିମାଣର ଖର୍ଚ୍ଚ କରିଥିବା କୁହାଯାଉଛି। ଚଳିତ ନିର୍ବାଚନରେ ଅନେକ ବୁଥରେ ପ୍ରଶିକ୍ଷଣପ୍ରାପ୍ତ ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ବଦଳରେ ଭୋଟରଙ୍କୁ ବୁଥ ଭିତରେ ଥିବା ବିଭିନ୍ନ ଦଳର ଏଜେଣ୍ଟମାନେ ଅଧିକ ସହାୟତା କରୁଥିବା ଦେଖାଯାଇଥିଲା। ଜିଲାରେ ୧୩୮ଟି ମଡେଲ ବୁଥ ସ୍ଥାପନ କରାଯାଇଥିଲା । ପ୍ରତ୍ୟେକ ବୁଥକୁ ସାଜସଜ୍ଜା ଓ ଅନ୍ୟାନ୍ୟ ବ୍ୟବସ୍ଥା ସକାଶେ ୨୫ହଜାର ଟଙ୍କା ଲେଖାଏଁ ସ୍ୱତନ୍ତ୍ର ଅନୁଦାନରାଶି ମଞ୍ଜୁର ହୋଇଥିଲା । ମାତ୍ର ଏଗୁଡିକରେ କେବଳ ସାଜସଜ୍ଜାକୁ ଓ ପିଇବା ପାଣିକୁ ଛାଡିଦେଲେ ଭୋଟରଙ୍କ ବସିବା ପାଇଁ ମଧ୍ୟ ସ୍ଥାନର ସୁବିଧା ନ ଥିଲା ।

## ଇନ୍‌ସୁଲିନ ଉଦ୍ଭାବନକୁ ଶହେ ବର୍ଷ

# ମଧୁମେହ ନିୟନ୍ତ୍ରଣ ସଚେତନତା ଶୋଭାଯାତ୍ରା

ରାଉରକେଲା ଅଫିସ,୨୧।୪

ଇନ୍‌ସୁଲିନ ଉଦ୍ଭାବନର ଶହେ ବର୍ଷ ପୂର୍ତ୍ତି ପାଳନ ଅବସରରେ ରବିବାର ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ଏକ ଗଣ ପଦଯାତ୍ରା ଆୟୋଜନ କରାଯାଇଥିଲା। ରାଉରକେଲା ଡାଏବେଟିସ୍ ଫୋରମ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ପ୍ରତିଷ୍ଠିତ ଡାକ୍ତର, ବିଭିନ୍ନ ସଂଘର କର୍ମକର୍ତ୍ତା ଓ ମଧୁମେହ ରୋଗୀ ଭାଗ ନେଇଥିଲେ। ସକାଳ ୬ଟାରୁ ପଦଯାତ୍ରା ୧୪୩ନଂ ଜାତୀୟ ରାଜପଥ ନିକଟ ରଙ୍ଗିଲା ଛକରୁ ବାହାରି ସ୍ଥାନୀୟ ଇସ୍ପାତ ହସ୍ପିଟାଲ ପର୍ଯ୍ୟନ୍ତ ଆସିଥିଲା। ଏଠାରେ ଆୟୋଜିତ ଆଲୋଚନା ସଭାରେ ଫୋରମ ଅଧକ୍ଷ ଡାକ୍ତର ସୁରେଶ ବନସଲ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଡାକ୍ତର ରାହାସବିହାରୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଡାକ୍ତର ଅକ୍ଷୟ ସାମଲ, ଡାକ୍ତର ଏସ୍.କେ. ରଥ, ଡାକ୍ତର ଇନ୍ଦ୍ରାଣୀ ସାହୁ, ଡାକ୍ତର ପି.କେ. ଦାସ, ଡାକ୍ତର ଏସ୍.ଆର୍. ସାମଲ, ଡାକ୍ତର ଏସ୍.ଏନ୍. କର ଯୋଗଦେଇ ମଧୁମେହ ରୋଗର କାରଣ ଓ ଏହାର ନିରାକରଣ ନେଇ ସବିଶେଷ ଆଲୋଚନା କରିଥିଲେ। ଉପଯୁକ୍ତ ଜୀବନଶୈଳୀ, ଖାଦ୍ୟପେୟ, ବ୍ୟାୟାମ, ଚିନ୍ତାମୁକ୍ତ ଜୀବନ, ଦୃଢ଼ ଇଚ୍ଛାଶକ୍ତି ଏବଂ ଉପଯୁକ୍ତ ଚିକିତ୍ସା ପରାମର୍ଶ ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ରାଉରକେଲା ଗାୟତ୍ରୀ ପରିବାର, କ୍ୟାନସର ଚେତନା କେନ୍ଦ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସାମାଜିକ ସଂଗଠନ ଆଖି, ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ, ହୋପ୍ ଅଫ୍ ଲାଇଫ୍, ଡ୍ରିମ ଟିମ୍, ବିଦ୍ୟା ଷ୍ଟଡି ପଏଣ୍ଟ, ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦ, ରାଉରକେଲା ପୂଜ୍ୟପୂଜା ପରିଷଦ, ଗୁଣ୍ଡିଚା ମନ୍ଦିର ଟ୍ରଷ୍ଟ, ଜଗନ୍ନାଥ ସଂସ୍କୃତି ଜାଗରଣ ମଞ୍ଚ, ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ସମେତ ଫର୍ଟିଲାଇଜର ହସ୍ପିଟାଲ କର୍ତ୍ତୃପକ୍ଷ ଏଥିରେ ସହଯୋଗ କରିଥିଲେ। ଡ. କେ. ନାୟକ, ବିଚିତ୍ରାନନ୍ଦ ଦାସ, ଅରୁଣ ପରିଡ଼ା, ରବୀନ୍ଦ୍ର ବେହୁରିଆ, ଚରଣ କର, ନିତ୍ୟାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ମଧୁମେହ ନିୟନ୍ତ୍ରଣ ସଚେତନତା ଶୋଭାଯାତ୍ରାରେ ସାମିଲ ବ୍ୟକ୍ତିବିଶେଷ।

# କୁଡୁଖ ଆଦିବାସୀ ବିଶାଳ ଆବାଧର୍ମ ବାର୍ଷିକ ମହୋତ୍ସବ

ବାଲିଶଙ୍କରା, ୨୧।୪ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକ ଡିଲେଇକାନୀ ପଞ୍ଚାୟତ ହଲିମା ଗ୍ରାମରେ କୁଡୁଖ ଆଦିବାସୀ ବିଶାଳ ଆବାଧର୍ମ ବାର୍ଷିକ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ମହୋତ୍ସବ କୁଡୁଖ (ଓରାମ) ସମାଜର ମହିଳାମାନେ ଏକତ୍ରିତ ହୋଇ ନୃତ୍ୟ ଗୀତ ଓ ପୁରୁଷମାନଙ୍କର ମାନ୍ଦଳର ବାଜାରେ ଅତିଥିମାନଙ୍କୁ ପାଛୋଟି ନିଆଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପାଦା ପାଡହା ଓଡିଶା ଦେୱାନ ମଞ୍ଜନ ଓରାମ ଯୋଗଦେଇ ଦ୍ୱିପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। (କୁଡୁଖ) ଓରାମ ଆଦିବାସୀ ଆମ୍ଭେ ପୂର୍ବ ପୁରାତନ ପାରମ୍ପାରିକ ସାମାଜିକ, ସାଂସ୍କୃତିକ ନ୍ୟାୟିକ ଓ ଧାର୍ମିକ ସଙ୍ଗଠନ କିପରି ମଜବୁତ ଭବିଷ୍ୟତରେ ହେବ ସେ ଉପରେ ସମସ୍ତେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁଳି ପାଡହା ଲାଠିକଟା ବେଲ ବୁରୁଙ୍ଗାଖାଖା, ବିଶିଷ୍ଟ ଶିକ୍ଷାବିତ, ବାଲକୁ ବାର୍ଲା, ବାଲିଶଙ୍କରା ଡାଡା ପାହାଡା ବେଲେ ଅନନ୍ତରାମ କୁଜୁର, ମୁଳି ପାଡାହା ସୁନ୍ଦରଗଡ ବେଲ ମନୋରଞ୍ଜନ ଓରାମ, ଦେୱାନ ନେହେରୁ କୁଜୁର, ଡାଡା ପାଡହା ବାଲିଶଙ୍କରା ବୁଧୁରାମ ଓରାମ, ଡାଡା ପାଡାହା ଅଲାପକା ବେଲ ଭକ୍ତା ଲାକଡା, ଦେୱାନ ସୁନ୍ଦରମଣି ଭଗତ ଯୋଗଦେଇ ସମାଜ ଶିକ୍ଷା କ୍ରୀଡା ସାଂସ୍କୃତିକ କୁଡୁଖ ସମାଜରେ ନଷ୍ଟ ହୋଇ ଯାଉଥିବା ନୈତିକତା, ବିବାହ ସମ୍ବନ୍ଧୀୟ ନୀତି ନୀୟମ ଓ ସଂସ୍କୃତି ନୀତିକ ରକ୍ଷା କରିବା ଦିଗରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ସର୍ବମୋଟ ୧୨ଟି (କୁଡୁଖ) ଓରାମ ସମାଜର ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିଥିଲେ। ସଭା ସଞ୍ଚାଳନ ମନୋରଞ୍ଜନ ଓରାମ ଓ ଶେଷରେ ହଲମା ଦେୱାନ ମିତ୍ର ଲାକଡା ଧନ୍ୟବାଦ ଅର୍ପଣ କରିଥିଲେ।




କୁଡୁଖ ଆଦିବାସୀ ଆବାଧର୍ମ ବାର୍ଷିକ ମହୋତ୍ସବର ଉଦ୍‌ଘାଟନୀ ମୁହୂର୍ତ୍ତ।

## ବଡ଼ଗାଁ ରାମଲୀଳା ଯାତ୍ରା

# ରାମଙ୍କ ସହ ଭରତ ମିଳନ, ସୂର୍ପଣଖା ନାସା ଛେଦନ

ବଡ଼ଗାଁ, ୨୧।୪ (ଡି.ଏନ.ଏ)

ରାମଙ୍କ ବନବାସ ସମୟରେ ମାତୁଳାଳୟ (ମାମୁଁଘର)ରୁ ଭ୍ରାତା ଭରତ ଅଯୋଧ୍ୟାକୁ ଆସି ରାମଙ୍କ ବନବାସ କଥା ଜାଣି ମାତା କୈକେୟୀଙ୍କୁ ଧିକ୍କାର କରିଥିଲେ। ରାମଙ୍କୁ ଫେରାଇ ଆଣିବାକୁ ସୈନ୍ୟସାମନ୍ତ ନେଇ ବନକୁ ଯାଇଥିଲେ। ସେଠାରେ ଉଭୟଙ୍କ ମିଳନ ପରେ ଭରତ ରାମଙ୍କୁ ଅଯୋଧ୍ୟା ଫେରିଯିବାକୁ କାକୁତିମିନତୀ କଲେ। ହେଲେ ରାମଚନ୍ଦ୍ର ଭାଇ ଭରତଙ୍କୁ ତାଙ୍କ ପ୍ରତିନିଧି ଭାବେ ନିଜ କଠଉ ଦେଇ ପିତାଙ୍କ ସତ୍ୟ ରକ୍ଷା ପୁତ୍ରର ପରମଧର୍ମ ବାଣୀ ଶୁଣାଇ ସହୃଦୟତା ସହ ଫେରିଯିବାକୁ କହିଥିଲେ। ଭାତୃଭାବର ମହାନ ଦୃଷ୍ଟାନ୍ତ ରାମାୟଣରେ ଏହା ଭରତ ମିଳନ ନାମେ ଆଖ୍ୟାୟିତ। ଏହା ପରେ ରାମ, ସୀତା ଓ ଲକ୍ଷ୍ମଣଙ୍କ ସହ ଗାୟାତିର୍ଥରେ ପିଣ୍ଡଦାନ, ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ପରେ ଦଣ୍ଡକାରଣ୍ୟରେ ପହଞ୍ଚିଥିଲେ। ରାବଣର ଭଉଣୀ ସୂର୍ପଣଖା ସେହି ବନରେ ବିଚରଣ କଲାବେଳେ ରାମ, ଲକ୍ଷ୍ମଣଙ୍କୁ ଦେଖି ବିମୋହିତ ହୋଇ ବେନି ଭାଇଙ୍କୁ ପତିରୂପେ ପାଇବାକୁ ମାୟା ବଳରେ ଅପୂର୍ବ ସୁନ୍ଦରୀ ହୋଇ ପ୍ରେମ ନିବେଦନ କରିଥିଲେ। ରାମଚନ୍ଦ୍ର ନିଜ ଧର୍ମପତ୍ନୀ ଥିବା ଜଣାଇ ଲକ୍ଷ୍ମଣଙ୍କ ପାଖକୁ ପଠାଇଥିଲେ । ଲକ୍ଷ୍ମଣ ସୂପର୍ଣଖାର ମାୟାରୂପ ବୁଝିପାରି ମନା କରିଥିଲେ ମଧ୍ୟ ସୂପର୍ଣଖା ଜିଦ୍ ଧରିବାରୁ ନାସା କର୍ଣ୍ଣ ଛେଦନ କରି ତଡ଼ି ଦେଇଥିଲେ। ସୂପର୍ଣଖାର ଭାଇ ଖର, ଦୁଷଣ, ତ୍ରିଶୀରା ଭଉଣୀର ଏଭଳି ରୂପଦେଖି କ୍ରୋଧିତ ହେଲେ ଓ ତତ୍‌କ୍ଷଣାତ ଆସି ରାମ, ଲକ୍ଷ୍ମଣଙ୍କ ସହିତ ଯୁଦ୍ଧ କରି ନିହତ ହେଲେ। ଏହା ପରେ ସୂପର୍ଣଖା ଅନ୍ୟଭ୍ରାତା ଲଙ୍କା ନରେଶ ରାବଣଙ୍କ ପାଖକୁ ଯାଇ ଜଣାଇଥିଲେ। ପ୍ରତିଶୋଧ ନେବାକୁ ଜର୍ଜରିତ ରାବଣ ରଙ୍ଗସଭା କରି ସୀତା ହରଣ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଏହି ବିଷୟବସ୍ତୁ ଉପରେ ନାଟକ ମଞ୍ଚସ୍ଥ ହୋଇଥିଲା। ଅଷ୍ଟମ ରଜନୀରେ ମଞ୍ଚସ୍ଥ ଏହି ବିଷୟବସ୍ତୁରେ ରାମ, ଲକ୍ଷ୍ମଣ, ସୀତା, ଭରତ, ଗୟାପଣ୍ଡା, ଜୟଦେବ ପଣ୍ଡା, ଜାଗା ପଣ୍ଡା, ସୂପର୍ଣଖା ଭୂମିକାରେ ଲୁଲୁ, ଦୀପକ, କମଳେନ୍ଦୁ, ରଞ୍ଜନ, ସୋନୁ, ଜିତ, ସତ୍ୟମ, ପ୍ରକାଶ ଓ ଶ୍ୟାମାକାଳୀ ମୂର୍ତ୍ତିରେ ପିକଲୁ ଅଭିନୟ କରିଥିଲେ ।



ଅଷ୍ଟମ ରଜନୀର ଦୃଶ୍ୟ ।